
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ଜୁନ୍ ୨୦୧୭
ମୂଲ୍ୟ : ୨୫ ଟଙ୍କା





**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ


ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ


**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବ□ନ ଅଛି । ଏହି ବିବ□ନ ଜୀବନର ପରିବ□ନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁ□ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆ□ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମି□ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମି□ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହୋଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
ପ୍ରାଚୀ
Vol.-2, June 2016, Issue No. III
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ମୋ: ୮୯୦୮୪୪୪୯୪୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

- ଟୁଆଁଟୁଇଁ
  ବନଲତା ସିଂହ ୭
- ଘୁଙ୍ଗୁର
  ବିଚିତ୍ରାନନ୍ଦ ପଣ୍ଡା ୧୩
- ସେ□ମେ□ ବାପା ଆଉ ଖିଆଲି ଝିଅ
  ପୁଷ୍ପମଞ୍ଜରୀ କର ୧୭
- ପୁରୁଣା ଚିଠି
  ଅନନ୍ତ ଚରଣ ଦେହୁରୀ ୨୦
- ପୁରସ୍କାର
  ନନ୍ଦିନୀ ନାଏକ ୨୩
- ଅବାସ୍ତବ ଆଧୁନିକତା
  ପ୍ରଜ୍ଞା ପରିମିତା ୨୫
- ଗଛଟିଏ ମୋର ନାମ
  ବିଭୁପ୍ରସାଦ ନାୟକ ୨୬

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..................................................................................................

ଜିଲ୍ଲା........................................................................ ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ................................................ ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଟୁଆଁ ଟୁଇଁ

ବନଲତା ସିଂହ

୧୯୯୯ ମସିହା କଥା । ସ୍ମରଣୀୟ ବାତ୍ୟାର ଦାରୁଣ ବିଭୀଷିକା, ଅଣଚାଶ ପବନ ନିମନ୍ତ୍ରଣ କରି ଆଣିଲେ ବରୁଣ ରାଜଙ୍କୁ । ସେ ବି ମହାଆନନ୍ଦରେ ଆସି ହାତ ପତାଇ ଡାକିଲେ, ଆସ, ଆସ ମୋର ବିଶାଳ ଗର୍ଭରେ ଲୀନ ହୋଇଯାଅ । ମୁଁ ରତ୍ନାକର, ସାରା ସଂସାର ମୋ ଗର୍ଭକୁ ଆସିଲେ ମୁଁ ସମ୍ଭାଳି ନେବି । ସତରେ ପଶିଗଲେ ରାଜ୍ୟର ଅଧାଲୋକ ଘର ଦ୍ୱାର ପଶୁପକ୍ଷୀ ଓ ଗଛଲତା । ସେସବୁ ନେଇଗଲା । ପୁଣି ଫେରାଇ ଦେଲା କୁଢ କୁଢ ଶବ । କି ହୃଦୟ ବିଦାରକ ଦୃଶ୍ୟ, ଧାଇଁ ଆସିଲେ ସରକାରୀ, ବେସରକାରୀ ସଂସ୍ଥା, ଦେଶବିଦେଶରୁ ମଧ୍ୟ ପୋଷ୍ୟ ପୁଅ କରିବାକୁ ଓଡ଼ିଶାକୁ ଚାଲି ଆସିଲେ ।

ସେଇ ସମୟର କଥା । ଟୁଆଁ-ଟୁଇଁ ଦୁଇଭାଇ ଭଉଣୀ । ଏହା ଆଇମା' କାହାଣୀର ଟୁଆଁ-ଟୁଇଁ ନୁହନ୍ତି । ବାତ୍ୟା ବିଭୀଷିକାର ଜ୍ୱଳନ୍ତ, ଦୁଇଟି ଜୀବନର କାହାଣୀ । ଟୁଆଁ-ଟୁଇଁଙ୍କର ବାପ । ମା' ଦୁଇବର୍ଷ ହେବ ତାଙ୍କୁ ଛାଡ଼ି ଆରପାରିକୁ ଚାଲିଯାଇଛନ୍ତି । ବୋଉ ଗୋଟିଏ ନଡ଼ିଆ ଗଛ ଲଗାଇଥିଲା । ଟୁଆଁକୁ କହିଥିଲା, ଟୁଆଁରେ ଫଳ କଷି ଧରିଲାଣି, ଯେତେବେଳେ ଝଡ଼ିବ । ପ୍ରଥମ ଶ୍ରୀଫଳ ଆମେ ପ୍ରଭୁ ଜଗନ୍ନାଥଙ୍କୁ ଦେବା । କିନ୍ତୁ ଫଳ ପାକଳ ହେବା ପୂର୍ବରୁ ବାପା ବୋଉ ଚାଲିଗଲେ । ରହିଗଲେ ଟୁଆଁ-ଟୁଇଁ ଭାଇଭଉଣୀ ଦୁଇଜଣ । ପରସ୍ପର ପରସ୍ପରକୁ ଖୁବ୍ ଭଲପାଉଥିଲେ । ଟୁଆଁ ହେଉଛି ଟୁଇଁର ରକ୍ଷାକ□ା ଆଉ ପାଳନ କ□ା । ଏକ ମନ ଏକ ଚି□ ହୋଇ ଚଳୁଥିଲେ ଭାଇଭଉଣୀ ଦୁହେଁ । ଦିନେ ନଡ଼ିଆଟି ପାକଳ ହୋଇ ଝଡ଼ିଗଲା । ଟୁଆଁ କହିଲା ଟୁଇଁଲୋ... ଏ ନଡ଼ିଆକୁ ନାଲି କନା ଗୁଡ଼ାଇ ଜଗନ୍ନାଥଙ୍କ ନିକଟରେ ରଖିଦେ । ତାଙ୍କର ଯେଉଁଦିନ ଦୟା ହେବ, ଆମେ ତାଙ୍କୁ ନଡ଼ିଆ ନେଇ ଦେବା, ଟୁଇଁ ଛୋଟ ପିଲାଟିଏ ହେଲେ ମଧ୍ୟ, ତା'ର କୁନି କୁନି ହାତରେ ଟୁଆଁର କଥା ମାନି ନଡ଼ିଆକୁ ନେଇ ଜଗନ୍ନାଥଙ୍କ ପାଖରେ ରଖିଲା ।

ସେଦିନ, ଏପରି ପ୍ରଳୟଙ୍କରୀ ପବନ ସାଙ୍ଗକୁ ବର୍ଷା ଦେଖି ଟୁଇଁ ଗୋଟିଏ ଗାମୁଛାରେ ଜଗନ୍ନାଥଙ୍କର ଫଟୋ ଆଉ ନଡ଼ିଆଟିକୁ ବାନ୍ଧି ନିଜେ କୁଣ୍ଢେଇ ଧରିଲା । ଏହି ସମୟରେ କାନ୍ଥ ପଡ଼ିଗଲା । ପାରି ମାଡ଼ି ଆସିଲା । ଉବେଇ ଟୁବେଇ ହେଲେ ଟୁଆଁ-ଟୁଇଁ । ଶେଷକୁ ଭାସିଗଲେ ପାଣିର ସ୍ରୋତରେ । ହାତ ଧରାଧରି ହୋଇ ଭାସି ଯାଉଥିଲେ ଦୁହେଁ । ଟୁଇଁ କିନ୍ତୁ ଗଣ୍ଠିଲିଟିକୁ ଯୋରରେ ଧରିଥାଏ । ଏତିକି ବେଳେ ଗୋଟିଏ ବଡ଼ ଗଛ ଲାଗିବାରୁ ଦୁହିଁଙ୍କର ହାତ ଛାଡ଼ିଗଲା । ଭାସିଗଲେ ଏକା ଏକା ନିଜ ଜୀବନର ଭାଗ୍ୟ ନଉକାରେ । ଟୁଇଁ ଭାସି ଭାସି ଯାଇ ଗୋଟିଏ ଉଦ୍ଧାରକାରୀଙ୍କ ଜାଲରେ ଲାଗିଲା । ଟେକି ନେଲେ ସ୍ୱେଚ୍ଛାସେବକ

ଦଳ । ଟୁଇଁ ଟୁଆଁ କହି ଜୋର୍‌ରେ କାନ୍ଦୁଥାଏ । ଶିବିରରେ ରଖି ତାକୁ ଚିକିତ୍ସା କରାଗଲା । ଟୁଇଁ କିନ୍ତୁ ଗଣ୍ଠିଲିଟିକୁ ଜମା ଛାଡ଼ିନି । ଟୁଆଁ କଥା ପଚାରି ପଚାରି ସମସ୍ତଙ୍କୁ ବ୍ୟସ୍ତ କରି ପକାଉଥାଏ । ତାକୁ ସେମାନେ ସାନ୍ତ୍ୱନା ଦେଉଥାଆନ୍ତି । ଟୁଆଁକୁ ଆମେ ନିଶ୍ଚୟ ଖୋଜି ଆଣିବୁ, ତୁ ଆଗେ ଭଲ ହୋଇଯା । ଟୁଇଁର କିନ୍ତୁ ସବୁ ସରିଗଲା । ଅଲଗା ହୋଇଗଲା ତା'ର ପରମ ପ୍ରିୟ ଭାଇ, ବନ୍ଧୁ ମାତାପିତା ଜୀବନର ସବୁକିଛି ସାହାଭରସା । ପାଖରେ ରହିଗଲେ ପରମବ୍ରହ୍ମ ଶ୍ରୀଜଗନ୍ନାଥ, ଆଉ ନଡ଼ିଆ । ସେ ଉଠି ପଡ଼ି ଆମ ଠାକୁର ଓ ନଡ଼ିଆକୁ ଆଉଁସି ଦେଲା । ପୋଛି ଦେଲା କୁନି କୁନି ହାତରେ ଜଗାର ମୁହଁକୁ....।

ଶିବିରରେ ତା'ପରି ବହୁତ ପୁଅଝିଅ ଉଦ୍ଧାର ହୋଇ ରହିଥାଆନ୍ତି । କିଛିଦିନ ପରେ କୁଢ଼ କୁଢ଼ ଶବ ପୋଡ଼ା ହୋଇ ଗନ୍ଧରେ ସ୍ଥାନଟି ଦୂଷିତ ହେବାରୁ ସେଠାରୁ ଅନ୍ୟା ଆଡ଼କୁ ଚାଲିଯିବାକୁ ସଂସ୍ଥା ବିଚାର କଲେ । ଏହି ସମୟରେ ଏକ ଟ୍ୟାକ୍ସି ଆସି ଠିଆ ହେଲା ଶିବିର ପାଖରେ । ସେଥିରୁ ଓହ୍ଲାଇ ଆସିଲେ ଏକ ପ୍ରୌଢା ଆଧୁନିକା ଶିକ୍ଷିତା ନାରୀ । ସେ ପରିଚାଳକଙ୍କ ସହିତ କ'ଣ କଥା ହେଲେ ଓ କ'ଣ ଲେଖାଲେଖି କରି ଚାରିଆଡ଼କୁ ଚାହିଁଲେ । ସବୁ ପୁଅଝିଅଙ୍କ ପରେ ଆଖି ବୁଲାଉ ବୁଲାଉ ଟୁଇଁ ଉପରେ ତାଙ୍କର ଆଖିସ୍ଥିର ହୋଇଗଲା । ସେ ଆଙ୍ଗୁଠି ଦେଖାଇ ଇଙ୍ଗିତ ଦେଲେ ଟୁଇଁକୁ ନେବା ପାଇଁ । ପରିଚାଳକ ରାଜି ହୋଇ ଟୁଇଁକୁ ଇସାରା ଦେଲେ ତାଙ୍କ ସହିତ ଯିବାକୁ । ଟୁଇଁ ନୀରବରେ ବିପଦ ସମୟରେ କୁଟାଖିଅକୁ ଆଶ୍ରା କଲାପରି ଚାଲିଲା ସ୍ତ୍ରୀ ଲୋକଙ୍କ ପଛରେ । ସାଥୀରେ ଥାଆନ୍ତି ପ୍ରଭୁଙ୍କର ଗଣ୍ଠିଲିଟି । ଚାଲିଲା ଗାଡ଼ି ସହର ଅଭିମୁଖେ । ଗାଡ଼ିର ବସି ଟୁଇଁ ଦେଖୁଥାଏ ସ୍ତ୍ରୀ ଲୋକଟିକୁ । ପାଖରେ ଏକ ସୁନ୍ଦର କୁକୁର, କୁକୁର ତ ନୁହଁ, ଯେପରି ତାଙ୍କ ପୁଅ । ସ୍ତ୍ରୀ ଲୋକଟି ଭାଗେ ଶାଢ଼ୀ ପିନ୍ଧିଛି, ତିନିଭାଗ ତା'ର ଫୁଙ୍ଗୁଳା । ଓଠରେ କ'ଣ ନାଲି ଲଗାଇଛି । ସେ ସରଗ ରାଇଜ ପରୀ ନାଁ ମରତର କାଳି ? ଟୁଇଁ ଚୁପ୍‌ଚାପ୍ ବସି ଦେଖୁଥାଏ, କୁକୁରଟା ତାକୁ ଚାହୁଁଥାଏ । ସେ ବୋଧେ ଭାବୁଥାଏ ଚାଲ୍ ଦେଖିବୁ ମୁଁ କିପରି ଅଛି ? ଆଉ ତୁ... କିପରି ରହିବୁ । ଟୁଇଁ ଭାବୁଥାଏ । ମୋ ବୋଉ କହୁଥିଲା ଭଗବାନ୍ ଯାହାକୁ ଯେମିତି ରଖନ୍ତି ।

ଗାଡ଼ି ପହ[illegible]ଗଲା, ବିରାଟ କୋଠା ପାଖରେ । ଆଗରେ ଓହ୍ଲାଇଗଲେ ସାଆନ୍ତାଣୀ କୁକୁରକୁ କାଖେଇ । ପଛରେ ଟୁଇଁ ତାଙ୍କୁ ଅନୁସରଣ କଲା । ତଳ ମହଲାର ଚଟାଣ, ସୁନ୍ଦର ସବୁଜ ରଙ୍ଗର ଗାଲିଚା ପଡ଼ିଛି । ଯେପରି ଛୋଟ ଘାସ ପଡ଼ିଆଟିଏ ପରି ଲାଗୁଥାଏ । ତା'ଉପରେ ଦାମୀ ଦାମୀ ସୋଫା, ଚାରିଆଡ଼େ ଦାମୀକା ଫୁଲଦାନି ଆଉ କଣ୍ଢେଇରେ ଭ[illegible] । ରାଜାଘର କହିଲେ ଅତ୍ୟୁକ୍ତି ହେବନି । ସେଇଠି ଗୋଟିଏ ଛୋଟିଆ ଘର ଦେଖାଇ ଦେଲା ତାଙ୍କ ଚାକର । ପଚାରିଲା... ତୋ ନାଁ କ'ଣ ? ମୋ.... ନାଁ ଟୁଇଁ କହି ତଳକୁ ମୁହଁ ପୋତିଲା । ... ହଉ... ଆଜିଠାରୁ ତୁ ଏହି ଘରେ ରହିବୁ, ଟୁଇଁ ସେ ଘର ଭିତରକୁ ଯାଇ ତା'ର ଗଣ୍ଠିଲିକୁ ଖୋଲି ଜଗାକୁ କହିଲା, ଆଜିଠାରୁ ତୁମେ .... ମୁଁ ଏହି ଘରେ ରହିବା । ତୁମକୁ ଭଲ ଲାଗୁଛି...

ତ ? କହି ଟିକେ ଜଗା ମୁହଁକୁ ଆଉଁସି ଦେଲା । କ୍ଳାନ୍ତ ହୋଇଥିବାରୁ ଟିକେ ଶୋଇ ପଡ଼ିଲା.... ।

ରାତି ବେଶୀ ହେବାରୁ ନିଦ ଭାଙ୍ଗିଗଲା । କେଉଁଠୁ କୁନ୍ଥେଇ ହେବାର ଶବ୍ଦ ଶୁଣିଲା । ଘୁମୁରି ଘୁମୁରି କିଏ କାନ୍ଦୁଛି । ମିଞ୍ଜି ମିଞ୍ଜି ଲାଇଟ୍‌ରେ ତାକୁ କିଛି ଦେଖାଯାଉ ନଥାଏ । ସେ ଗଣ୍ଡିଲିଟିକୁ ମୁଣ୍ଡିଆମାରି ସାହାସ କରି ଶବ୍ଦ ଯେଉଁଠାରୁ ଆସୁଥିଲା, ସେଇଆଡ଼କୁ ଗଲା । ଗୋଟିଏ ଜାଗାରେ ଅଟକି ଗଲା । ଦେଖିଲା ସିଡ଼ି ତଳ ଘରୁ ସେହି ଶବ୍ଦଟି ଆସୁଛି । ସେ କବାଟ ଖୋଲି ଦେଖିଲା । ହଠାତ୍ କାହାକୁ ଦେଖି ଡରିଗଲା । ଓଃ..... କି ଭୟଙ୍କର ରୂପ । ପାଚିଲା କେଶକୁ ପାଚିଲା ଦାଢ଼ି । କୋରଡ଼ ଅଖିରେ ପୋଷେ ଚାଉଳ ଧରିବ । ମସିଆ ଧୋତି ଓ ସାର୍ଟ ଖଣ୍ଡେ.... ସେ କହିଲା... ଡରନି ମାଆ । ମୁଁ ମଣିଷ । ମୋର ନାମ .... ସୁଧାକର । ମୁଁ ଏ ଘର ମାଲିକର 'ବାପା' । ଚମକି ପଡ଼ିଲା ଟୁଇଁ । ମାଲିକଙ୍କର ବାପା ଏ ଅସନା ଘରେ କାହିଁକି ? କୁକୁର କି ଆରାମ୍‌ରେ ଅଛି, ସେ ଲୋକଟି କହିଲା..... ମେତେ ଭୋକ କିଛି ଖାଇବା ଦେଇପାରିବୁ ? ଟୁଇଁ କହିଲା... ମୁଁ ତ ନୂଆ । ମୁଁ ଏପର୍ଯ୍ୟନ୍ତ ଖାଇ ନାହିଁ । ଯଦି ..... ଖାଇବି ତେବେ ତୁମକୁ ଅଧା ଦେଇଦେବି.... କହି କବାଟ ଆଉଜାଇ ଆଣିଲା ।

ସେପଟେ, ଟୁଆଁ ଭାସି ଭାସି ଯାଇ ସହର ଉପକଣ୍ଠ ମହାନଦୀ କୂଳରେ ବେହୋସ ହୋଇ ପଡ଼ିଥିଲା । ଗୋଟିଏ ଧନୀ ଘର ଦମ୍ପ□ ବନ୍ୟା ପରିସ୍ଥିତି ବୁଲି ଦେଖୁଥିଲା ବେଳେ ତାଙ୍କର ଦୃଷ୍ଟିଗୋଚର ହେଲା, ଜଣେ ବାଳକ ମରି ପଡ଼ିବାର । ସେ ତୁରନ୍ତ ତା' ନିକଟକୁ ଯାଇ ଦେଖନ୍ତି ତ ପିଲାଟି ବ□ିଛି । ତା'ର ଦେହ ପାଣିରେ ଶେତା ପଡ଼ିଯାଇଛି, ସେ ଶୀଘ୍ର ଡାକ୍ତରଖାନା ନେଇଯାଇ ଚିକିତ୍ସା ଆରମ୍ଭ କରିଦେଲେ । ବହୁତ ସମୟ ପରେ ଟୁଆଁର ଚେତା ଫେରିଲା । ସେ ପ୍ରଥମେ ମୋ ଟୁଇଁ କାହିଁ ବୋଲି ପ୍ରଳାପ କଲା । ସମସ୍ତଙ୍କର ମନରେ ଗୋଟିଏ ପ୍ରଶ୍ନ.... ଏ ଟୁଇଁ କିଏ ? ସେ ଯାହାହେଉ ପିଲାଟିର ହୋସ୍ ଆସିବାପରେ ବେଶୀ ଖୁସି ହେଲେ ଅପୁତ୍ରକ ଧନୀ ଦମ୍ପ□ । ଟିକିଏ ଭଲ ହେଲା ପରେ ସେମାନେ ଟୁଆଁକୁ ନିଜ ଘରକୁ ନେଇ ଆସିଲେ । ଟୁଆଁ ସୁସ୍ଥ ହେଲାପରେ ତା'ଠାରୁ ସବୁ ଶୁଣି ତାକୁ ଆଶ୍ୱାସନା ଦେଲେ... ତୁ କିଚଇ ବ୍ୟସ୍ତ ହୁଅନା, ଆମେ ତୋ ଭଉଣୀ ଯେଉଁଠି ଥିବ ଖୋଜି ଖୋଜି ଆଣିବୁ । ତୁ ଆଜିଠାରୁ ଆମ ପୁଅ ହୋଇ ଆମ ପାଖରେ ରହିବୁ । ଟୁଆଁ ସେଠାରେ ବହୁତ ଭଲରେ ରହିଲା । ପାଠ ପଢ଼ିଲା । ସବୁ ପରେ ବି ସେ ଟୁଇଁ ପାଇଁ ଲୁଚି ଲୁଚି କାନ୍ଦୁଥିଲା ।

ତା'ପରଦିନ ଟୁଇଁ ଉପର ମହଲାକୁ ବୁଲିଗଲା । ଦେଖିଲା ଇଲୋ.....ବୋପାଲୋ । ଇଏ କି ଘର... ମୁଁ ତ ଏପରି ଘର ଜମା ଦେଖିନି – ଦଶବର୍ଷ ମୋତେ ହେଲାଣି.... ମୁଁ ଏମିତି ଜାଗା ଘର କେବେ ଦେଖି ନଥିଲି । କୁକୁର ଘର ଯେପରି ହୋଇଛି....ଆମ ମଣିଷ ଘର ସେପରି ନାହିଁ । କି.... ଖଟ.... ଗଦି ପଡିଛି । ଝାଡ଼ା ଯିବାକୁ କ'ଣ ଗୋଟେ ଥୁଆ ହୋଇଛି । ବଲ୍ ଖେଳିବ... ଦୋଳି ଖେଳିବ । ଖା□ କ୍ଷୀର ପିଇବ । ତା' ପାଇଁ ଅଲଗା ଚାକର । ବିଲେଇ ମଧ୍ୟ କମ୍ ସଉକ୍ କରୁନି । ... ତେବେ ନିଜ ବାପାଙ୍କ ସ୍ଥାନ ସେଠାରେ କାହିଁକି ?

କାହାର ପାଦ ଶବ୍ଦ ଶୁଣି ଲୁଚିଗଲା ଟୁଇଁ । ଦେଖିଲା ମାଲିକ ବୋଧେ ? ... ବାପରେ ବାପ.... କି ଦାମୀ ପୋଷାକ । ହାତରେ ଦଶଟା ମୁଦି, ବେକରେ ମୋଟା ଚେନ୍ । ଟଳି ଟଳି ଆସି ଖଟରେ ଦୁମ୍ କରି ଶୋଇପଡ଼ିଲେ । ତା' କିଛି ସମୟ ପରେ ହିନ୍ଦୀ ଗୀତ ଗାଇ ଗାଇ ଜଣେ ଆସିଲେ । ଟୋକାଟିଏ ମଦ ପିଇଚି ବୋଧେ । ଖାଲି ଗୋଡ଼ ଆଗକୁ ପଛକୁ ହେଉଛି । ସେ ମଧ୍ୟ ଆଉ ଗୋଟେ ଘରକୁ ପଶିଗଲେ । ତା'ପରେ ତାଙ୍କ ମା' ଓରଫ୍ ଘରର ମାଲିକିଆଣି । ସେ ବି କମ୍‌ରେ ନାହାଁନ୍ତି । ଭ୍ୟାନିଟିକୁ ବୁଲାଇ ବୁଲାଇ ଯାଇ ରୁମ୍‌ରେ ଶୋଇପଡ଼ିଲେ । କିଏ କାହା କଥା ପଚାରିବାକୁ ସମୟ ନାହିଁ । ଏମାନେ କ'ଣ ଖାଆନ୍ତି ନାହିଁ ?

ଟୁଇଁକୁ ଭୀଷଣ ଭୋକ । ସେ ବୁଢ଼ା ବାବୁଙ୍କୁ ବି ବହୁତ ଭୋକ । କ'ଣ କରିବି ? ଏହି ସମୟରେ ଚାକର ଆସିଲା । ଡାକ ପକାଇଲା... ଟୁଇଁ.... ଟୁଇଁଲୋ ନେ ଏ ଥାଳି ଧର । ଏଥିରେ ଖାଇବା ନେଇଯା, ଖାଇସାରି ଧୋଇଧାଇ ତୋ ଘରେ ରଖିଦେବୁ । ଆଜିଠାରୁ ଏ ଥାଳି ବାସନ ତୋର । ଆଉ ଚାରି ଆଠଦିନ ଯାଉ, ତୁ କାମ ଶିଖିଗଲେ କାମ କରିବୁ । ଯାଆ ଖାଇସାରି ଶୋଇ ପଡ଼ିବୁ । ସମସ୍ତେ ଶୋଇ ସାରିଲାପରେ ଟୁଇଁ କବାଟ ଖୋଲି ସେ ବୁଢ଼ାକୁ ଖୋଇ ଦେଲା । ପାଣି ପେଇଦେଇ କହିଲା ତୁମେ ଶୋଇପଡ଼ । ଏଣିକି ମୁଁ ଯେତେଦିନ ରହିବି, ତୁମକୁ ଖାଇବାକୁ ଦେବି । ବୁଢ଼ା ଭାରି ଖୁସି ହୋଇ କେତେ ଆଶୀର୍ବାଦ ଢାଳି ପକାଇଲା ।




# EMERALD
## EDUCATION



+2 Science
+3 Science
(Hons & Pass)

**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

ଏମିତି କିଛିଦିନ ଚାଲିଗଲା । ଟୁଇଁ ସମସ୍ତଙ୍କର ପରିଚିତା ହୋଇଗଲାଣି । ଦିନେ ଚାକର ସାଙ୍ଗରେ ଟୁଇଁ ବଜାର ଯାଇଥିଲା । ଟୁଆଁ ମଧ୍ୟ ତା'ର ପାଳିତ ବାପା ମା' ସାଙ୍ଗରେ କାର୍‌ରେ ବୁଲି ଆସିଥିଲା । ଟୁଆଁ ଦୂରରୁ ଟୁଇଁକୁ ଦେଖି... ଟୁଇଁ... ଟୁଇଁ ବୋଲି ଚିତ୍କାର କଲା ଏବଂ ଗାଡ଼ି ଅଟକାଇ ଟୁଇଁ ପଛରେ ଦଉଡ଼ିଲା । କିନ୍ତୁ ଟୁଇଁ... ଟୁଆଁର ଡାକ ଶୁଣିପାରିଲାନି । ଟୁଆଁ ତା ପାଖରେ ପହ□ଲା ପୂର୍ବରୁ ଦରୱାନ୍ ଗେଟ୍ ବନ୍ଦ କରିଦେଲା । ଟୁଆଁ ଯେତେ କାକୁତି-ମିନତି ହେଲା ଦରୱାନ୍ ଜମା ଛାଡ଼ିଲାନି । କାନ୍ଦି କାନ୍ଦି ଟୁଆଁ ଗାଡ଼ି ପାଖକୁ ଫେରିଆସିଲା ।

ଦିନ ପରେ ଦିନ ଗଡ଼ି ଚାଲିଲା । ଦୁଇତିନି ବର୍ଷ ବିତିଗଲାଣି, ଟୁଇଁ ସବୁ କାମ ଶିଖିଗଲାଣି । ତେର କି ଚଉଦ ବର୍ଷ ହେଲାଣି । ଅଙ୍ଗେ ଅଙ୍ଗେ ତା'ର ଯୌବନ ଛୁଇଁଲାଣି । ଭାରି ସୁନ୍ଦର ଦିଶୁଛି । କେତେବେଳେ ଯୌବନ ଦରଜା ଖଟ ଖଟାଇ ତା'ଦେହକୁ ପଶି ଆସିଲାଣି ଟୁଇଁ ଜାଣିପାରିନି । ଝିଅଟା ଘିଅ ହୋଇଗଲା । ସବୁରି ଦୃଷ୍ଟି ତା'ଉପରେ । ଚାକର 'ଚକରା'ଟା କିମିତି ଗୋଟେ ଚାହୁଁଛି । ଏବେ ବହୁତ ଆଦର କରୁଛି, ମିଠା ମିଠା ଥଟ୍ଟା ବି କରୁଛି । ଟୁଇଁ ନ ଶୁଣିଲା ପରି ରହିଯାଏ । ଟୁଇଁ ନିଜକୁ ବହୁତ ଘୋଡ଼ାଇ ରଖେ, କିନ୍ତୁ ଆବୃତ ଜିନିଷକୁ ସମସ୍ତଙ୍କର ଲୋଭ । ବାବୁଙ୍କ ପୁଅ ମଧ୍ୟ କଣେଇ କଣେଇ ଚାହିଁ ମୁରୁକି ମୁରୁକି ହସୁଛି । ସେ ଏବେ କହୁଛନ୍ତି ଟୁଇଁ ମୋର ସବୁ କାମ କରବ । କିନ୍ତୁ ବୁଢ଼ାବାବୁ ସାବଧାନ କରି ଦେଇଛନ୍ତି....କହିଛନ୍ତି.... ଟୁଇଁଲୋ... ବଡ଼ ଘରେ ବଡ଼ ଗୁମର କଥା, ସାବଧାନ ଥିବୁ ।

ଦିନେ ରାତିରେ, ରାତି ବହୁତ ହୋଇଗଲାଣି । ସାନବାବୁଙ୍କୁ ଅପେକ୍ଷା କରି କରି ଟୁଇଁ ସୋଫା ଉପରେ ଶୋଇପଡ଼ିଛି । ନିଘୋଡ଼ ନିଦରେ, ଅଙ୍ଗ ବସ୍ତ୍ର ବିବସ୍ତ୍ରିତ । ଏହି ସମୟରେ ଟଳ ଟଳ ପାଦରେ ନିଶାସକ୍ତ ସାନବାବୁ ପଶି ଆସିଲେ । କ୍ଳାନ୍ତ ହୋଇ ସୋଫା ଉପରେ ବସି ପଡ଼ିଲେ । ହଠାତ୍ ଆଖି ପଡ଼ିଗଲା ଟୁଇଁ ଉପରେ, ଆଖି ମଳି ମଳି ପୁଣି ଚାହିଁଲା । କ'ଣ ଦେଖୁଛି ସେ, ତା'ର କାମାସକ୍ତ ଆଖି ଦୁଇଟା ଲାଲ ହୋଇଗଲା । ମୁଣ୍ଡ ଝିମ୍ ଝିମ୍ ହୋଇଗଲା । ସେ ଫୁଲପରି ଟେକି ଆଣି ଗାଲିଚାରେ ଶୁଆଇ ଦେଲା । ନିଦ ଭାଙ୍ଗିଲା ଟୁଇଁର । ସେ ପାଟିକରି ଉଠିଲା । ପାଟି ଶୁଣି ସୁଧାକର ବାବୁ ଦଉଡ଼ି ଆସିଲେ । ତାଙ୍କୁ ଗୋଟେ ଧକ୍କା ଦେଇ ତାଙ୍କୁ ତଳେ ପକାଇ ଦେଲା । ଏଣେ ଟୁଇଁର ପାଟିକୁ ଚାପି ଧରି ନିଜର କାମନାକୁ ଚରିତାର୍ଥ କଲା । ଅତ୍ୟଧିକ ଚାପ ଯୋଗୁ ଟୁଇଁର ବାଷ୍ପରୁଦ୍ଧ ହୋଇଗଲା । ଆଉ ଚିରଦିନ ପାଇଁ ଆଖି ବୁଜିଦେଲା । ବୁଢ଼ା ରକ୍ଷକ ହୋଇ ଆସିଲା କିନ୍ତୁ ଶକ୍ତ ଧକ୍କାରେ ପଡ଼ି ଆଉ ଉଠିପାରିଲାନି । ଗଣ୍ଡିଲି ଭିତରେ ମୂକ ସାକ୍ଷୀ ହୋଇ ରହିଗଲେ ପ୍ରଭୁ 'ଜଗନ୍ନାଥ' ପୁଅ, ଟୁଇଁର ସ୍ଥିର ଶରୀରଟାକୁ ପକାଇ ଦେଇ ଦଉଡ଼ିଲା ବାପ ମା'ଙ୍କ ପାଖକୁ ଏବଂ ସବୁକଥା ବର୍ଣ୍ଣନା କରି କହିଦେଲା । ବାପ, ମା ଦେଖି କଅଣ ବା କରିବେ ? ନିଜ ପୁଅ ତ କରିଛି । ସୁଧାକର ବାବୁଙ୍କୁ ଘରେ ପୁରାଇ ତାଲା ପକାଇ ଦେଲେ । ତାଙ୍କର ପଇସା ଅଛି । ସେ ଧନ ବଳରେ ସ୍ୱର୍ଗର ଦେବାତାଙ୍କୁ ମଧ୍ୟ ପାଦ ତଳେ ଖଟାଇ ପାରିବେ ।

ଆଇନ୍ ତ ଛାର । ମଣିଷ କଥା ନ କହିଲେ ଭଲ । ସେ କେତେ ଲୋକଙ୍କୁ ଡକାଇ ନେଇଗଲେ ଟୁଇଁର ନିର୍ଜୀବ ଶରୀରକୁ । ବାଡ଼ିପଟ ବଗିଚାରେ ଗୋଟିଏ ଫୁଲଗଛ ମୂଳେ ତାକୁ ପୋତି ଦେଲେ । ପାଖରେ ପକାଇ ଦେଲେ ଗଣ୍ଠିଲିକୁ । କିଛି ସାକ୍ଷୀ ପ୍ରମାଣ ଦରକାର ନାହିଁ । ଏଠି ସବୁ ଏମିତି ଚାଲେ ।

ରାତିରେ ଟୁଆଁ ସ୍ୱପ୍ନ ଦେଖୁଛି -ବୋଉ ପାଖରେ ଟୁଇଁ ବସିଛି, କାନ୍ଦୁଛି । ଟୁଆଁରେ ତୋତେ ଟିକେ ଦେଖିପାରିଲିନି । ଚମକି ପଡ଼ିଲା ଟୁଆଁ । ନିଦ ଭାଙ୍ଗିଗଲା । ସେ କାହାକୁ କିଛି ନ କହି ଦଉଡ଼ିଲା, ଟୁଇଁ ରହିଥିବା ସ୍ଥାନକୁ । ପଛପାଖ ପାଚେରୀ ଡେଇଁ ପଶିଗଲା ବଗିଚା ଭିତରକୁ । ଟୁଇଁ.... ଟୁଇଁଲୋ କହି କାନ୍ଦି କାନ୍ଦି ଚିତ୍କାର କଲା । ମୋ ଧନ, ମୋ ସୁନା ଟିକେ ମୋତେ ଦେଖା ଦେ । କାନ୍ଦି କାନ୍ଦି ପୁରା ଅଧିର ହୋଇଗଲାଣି । କେହି ଶୁଣୁ ନାହାନ୍ତି । ହଠାତ୍ ପଛପଟୁ ଅସ୍ପଷ୍ଟ କାନ୍ଦଣା ସ୍ୱର ଶୁଭାଗଲା । ସେ ପଛକୁ ଚାହିଁ ଦେଲା । ଦେଖିଲା ଟୁଇଁ ଠିଆ ହୋଇଛି । ସେ ଆନନ୍ଦରେ ଦଉଡ଼ିଗଲା କୁଣ୍ଢାଇ ପକାଇବାକୁ । ତା'ର ପ୍ରାଣର ଭଉଣୀ ଟୁଇଁକୁ । ଟୁଇଁ କହିଲା, ଟୁଆଁରେ ମୁଁ କ'ଣ ଆଉ ଶରୀରରେ ଅଛି ? ତୁ କୁଣ୍ଢାଇବୁ ମୋତେ ? ମୁଁ ବ□ମାନ ଅଶରୀର । ମୁଁ ଏଇଠି ମୋ ମାଟି ମାଆ କୋଳରେ ଆଶ୍ରୟ ନେଇଛି । ତା'ପରେ ସବୁକଥା ସେ କହିଲା ଟୁଆଁ ଆଗରେ । ସବୁ ଶୁଣି ଟୁଆଁ ମୁଣ୍ଡପିଟି ଦେବାକୁ ଯିବା ସମୟରେ ଟୁଇଁ କହିଲା ଟୁଆଁରେ ଆଉ କାନ୍ଦି କରି କିଛି ଲାଭ ନାହିଁ । କି ତୁ କାହାରି କିଛି କରିପାରିବୁନି । ଏଣୁ ମୁଁ ଯାହା କହୁଛି ଶୁଣ । ବୋଉର ଅମାନତ ନଡ଼ିଆଟି ଏହି ଗଣ୍ଠିଲି ଭିତରେ ଅଛି । ତୁ ତାକୁ ପୁରୀ ନେଇଯା । ଶ୍ରୀଜଗନ୍ନାଥଙ୍କୁ ଦେଇ ବୋଉର ମାନସିକତା ପୂରଣ କର । ଏହି କଥା ସରିଲା ପରେ ଟୁଇଁ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ଟୁଆଁ କାନ୍ଦି କାନ୍ଦି ଗଣ୍ଠିଲିକୁ ଧରିଲା ଆଉ ଟୁଇଁ ସମାଧିରୁ ମାଟି ଟିକେ ନେଇ ଚାଲିଆସିଲା । କାହାରିକୁ କିଛି ନ କହି ପୁରୀ ଅଭିମୁଖେ ଚାଲିଲା । ହାତରେ ଦୁଇଟି ପବିତ୍ର ପୁଣ୍ୟଭରା ଜିନିଷ, ଗୋଟିଏ ବୋଉର ମାନସିକ ନଡ଼ିଆ ଆଉ ନିଷ୍କପଟ ସରଳ ପବିତ୍ର ଆତ୍ମା ଟୁଇଁର ସମାଧି ମାଟି । କେତେ ଦିନ, କେତେ ରାତି ବିତିଲା ସେଥିପ୍ରତି ତା'ର ଦୃଷ୍ଟି ନାହିଁ । ପଚାରି ପଚାରି ପହ□ଗଲା ପୁରୁଷୋ□ମରେ, ଅରୁଣ ସ୍ତମ୍ଭ ନିକଟରେ । ନଡ଼ିଆଟିକୁ ରଖି ନୀଳଚକ୍ରକୁ ଚାହିଁ ଟୁଆଁ କହିଲା... ତୁମେ ଦାସିଆର ନଡ଼ିଆ ହାତ ବଢାଇ ନେଇଥିଲ, ମୋ ନଡ଼ିଆ କିପରି ନେବ ମୁଁ ଜାଣିନି । କିନ୍ତୁ ମୁଁ ଏଇଠି ରଖି କରିଯାଉଛି । ନେଲ କି ନ ନେଲ ମୋ ଟୁଇଁକୁ ଯେଉଁଠି ରଖିଚ ତାକୁ କହିଦେବ । ଏତକ କହି ମୁଣ୍ଡିଆ ମାରି ଚାଲିଲା ସମୁଦ୍ର କୂଳକୁ ସମାଧି ମାଟି ଧରି । ସମୁଦ୍ର କୂଳରେ ବସି ସେ ସମୁଦ୍ରକୁ ହାତଯୋଡ଼ି ପ୍ରଣାମ କରି କହିଲା.... ହେ ଜଳାଧିରାଜ... ରତ୍ନାକର... । ମୋ ଟୁଇଁକୁ ମାଟି ମାଆ ଆପଣାଇ ନେଲା । ତୁମେ ତମ ହାତ ପ୍ରସାରଣ କରି ମୋତେ ନେଇଯାଅ । ଟୁଇଁ ବିନା ମୁଁ ରହିପାରିବିନି । ହୋଇଗଲା ଧ୍ୟାନସ୍ଥ । ବସିଗଲା ବାଲି ଉପରେ ଚକା ପକାଇ । ଆସିଗଲା ଏକ ବିରାଟ ତରଙ୍ଗ । ବାହୁ ମେଲାଇ ଟାଣି ନେଲେ ଟୁଆଁକୁ ନିଜ କୋଳକୁ । ତା'ର ହାତରେ ଥିଲା ଟୁଇଁର ମାଟି । ଦୁହେଁ ଭାଇଭଉଣୀ ମିଶିଗଲେ ଜଳଧିର ପୂର୍ଣ୍ଣ ଗର୍ଭା ଉ□ାଳ ତରଙ୍ଗ ମଧ୍ୟରେ ।

କିଛି ସତ୍ୟ ଓ କିଛି କଳ୍ପନା ନେଇ ଏ ଟୁଆଁ-ଟୁଇଁ ଗପଟି ସମାପ୍ତ ହେଲା । ଜୟ ଜଗନ୍ନାଥ.........।

# ଘୁଙ୍ଗୁର

**ବିଚିତ୍ରାନନ୍ଦ ପଣ୍ଡା**

ରାତ୍ର ଠିକ୍ ଦଶଘଟିକା । ରାତ୍ର ନିସ୍ତବ୍ଧତାର କୂଳ ଯଦିଓ ଲଙ୍ଘି ନାହିଁ, ତଥାପି ଅନତିଦୂରରେ ବ୍ୟଗ୍ର ଓ କ୍ଷିପ୍ର ଗତିରେ ଧାବମାନରତ, ସହରରେ ତଥାପି ଚଳଚ□ଳ ଲାଗିରହିଛି, ସେହି ସମୟରେ ବାଜି ଉଠିଲା ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ । ସହରର ବହୁ ବ୍ୟକ୍ତି ସେ ଶବ୍ଦକୁ ଶୁଣିଛନ୍ତି ସତ କିନ୍ତୁ କେଉଁଠୁ ତା'ର ଗୁଞ୍ଜରଣ ଓ ପ୍ରସାରଣ ସେ ଠିକଣାରୁ ପ୍ରାୟ ବ□ିତ । ଯିଏ ସେ ଠିକଣା ଥରେ ପାଇଛି ସିଏ ପାଗଳପ୍ରାୟ ହୋଇଯାଇଛି । ଅଥୟ ହୋଇଯାଇଛି ତା' ମନ, ସଂଯମତାକୁ ପାସୋରି ଦେଇଛି କେଇ ମୁହୂ□ ପାଇଁ, ବିବେକକୁ ବନ୍ଧା ଦେଇଦିଏ ଷୋଡ଼ଶୀ ରୂପସୀର ଘୁଙ୍ଗୁରବାଲି ପାଖରେ । ଭୁଲିଯାଏ ନିଜ ସଂସାରର ପିଲାଛୁଆ ଓ ନିଜ ସ୍ତ୍ରୀକୁ । ଅନେକ ବାଟୋଇଙ୍କୁ ମିଳିଯାଏ ସେ ଠିକଣା, ଟାଣିନିଏ ଚୁମ୍ବକ ପରି ବାଟୋଇମାନଙ୍କୁ ସେ ରୂପସୀ । ହଜେଇଦିଏ, ତା'ର ସୁବିଶାଳ ହୃଦୟ ମଧ୍ୟରେ । ସୁମଧୁର କଥା, କଟାକ୍ଷ ଚାହାଣି, ଖୋଲା ପ୍ରେମ, ସଙ୍ଗୀତର ମୂର୍ଚ୍ଛନା ଓ ମଦ ବୋତଲରେ ଠିକଣା ପାଇଥିବା ଲୋକଙ୍କୁ କେମିତି ବା ପାଗଳ ନ କରିବ? ବହୁ ବିଶିଷ୍ଟ ବ୍ୟକ୍ତି ଯଥା - ଧନୀ, ମାନୀ, ଗୁଣୀଙ୍କର ଚେତା ବୁଡ଼ିଯାଏ ସେଠାରେ । ଦିନେ ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ ସଂଗୀତର ମୂର୍ଚ୍ଛନା ବାଦ୍ୟଧ୍ୱନିର ଭୀଷଣତାକୁ ସହିପାରିଲେନି ସୁବ୍ରତବାବୁ । ବିଲ୍ୱମଙ୍ଗଳ ଚିନ୍ତାମଣୀକୁ ପାଇବା ପାଇଁ ଯେପରି ପାଗଳ ପ୍ରାୟ ହୋଇଯାଇଥିଲା, ସେପରି ସୁବ୍ରତବାବୁ ଅଣନିଃଶ୍ୱାସୀ ଭାବେ ଧାଇଁ ଯାଇଥିଲେ ଚଳଚ□ଳ ସହରର ହଜାର ହଜାର ଗାଡ଼ି ଆଗରେ ଡେଇଁ ଡେଇଁ ସେହି ଘୁଙ୍ଗୁରବାଲୀ ପାଖକୁ ।

ଯେମିତି ଜଣେ ଯାଦୁକର ତା' ଯାଦୁର ଜାଲରେ ସମସ୍ତ ଦେଖଣାହାରିଙ୍କୁ ଅନ୍ଧ କରି ଦେଇଥାଏ, ଯେମିତି ଜଣେ ବ୍ୟାଧ ଦି'ଟା ଖୁଦମଲୁଖ ପକେଇ ଶିକାର ଅପେକ୍ଷାରେ ଥାଏ ପକ୍ଷୀ ଓ ପକ୍ଷିଣୀମାନଙ୍କର, ଯେମିତି ଖାଦ୍ୟର ଲୋଭରେ ବଡ଼ମାଛ ଥୋପ ଗିଳି ବନିଶିଆଳର ଶିକାର ହୋଇଥାଏ, ସେମିତି ସୁବ୍ରତବାବୁ ଖୁଦ, ମଲୁଖ ଓ ଯାଦୁଠାରୁ ଆହୁରି ଭୟଙ୍କର ଘୁଙ୍ଗୁର ଶବ୍ଦରେ ବିବ୍ରତ ହୋଇ ଧାଇଁ ଯାଆନ୍ତି ସେହି କୋଠରିକୁ ଯେଉଁଠୁ ମୁକୁଳିବାର ବାଟ ନଥାଏ । ସେହିପରି ଧନ, ମାନ, ଯଶ, କୀ□, ଗର୍ବ, ଗୌରବ ବିକ୍ରି ହୋଇଯାଏ ଶାଗ ଓ ପଚାମାଛ ଦରରେ । ଲଳନାର ଲାଳିତ୍ୟ, ସ୍ମିତହାସ୍ୟ ଓ ଗଭାରେ ରଜନୀଗନ୍ଧାର ପୁଷ୍ପଗୁଚ୍ଛ ଓ ମିଠା କଥା ପାଗଳ କରିଦେଇଥାଏ ସମସ୍ତ ଗ୍ରାହକଙ୍କୁ ।

ସୁବ୍ରତ ବାବୁଙ୍କ ଠିକଣା ମିଳିଗଲା ସିନା - ମିଳିଲାନି ସାନ୍ନିଧ । ଦେଖା ତ ମିଳିଲାନି ସ୍ପର୍ଶ ବହୁଦୂର । ତାଙ୍କ ପ୍ରକୋଷ୍ଠରୁ ପ୍ରହରୀ ଜଣକ କହିଲେ ଫାଙ୍କା ନାହିଁ, କାଲିକୁ ଆସ । ସୁବ୍ରତବାବୁ ମନରେ

ଟିକେ ଆଶା ସ□ାର କରି କହିଲେ, କଳାବଜାର କରି ମୋ ନମ୍ବରଟା ତମ ଉପସ୍ଥାପନରେ ଯୋଡ଼ିଦେଇ ହବନି ? ପ୍ରହରୀ ଜଣକ କହିଲେ, ଏଇଟା କ'ଣ ଚଳଚିତ୍ର ଗୃହ । ସୁବ୍ରତ ବାବୁ ସେଦିନ ବିବ୍ରତ ହୋଇ ନିରାଶ ମନରେ ସେଠାରୁ ଫେରିଲେ ସିନା, ହେଲେ ରାତିସାରା ତାଙ୍କ ମନ ଓ କାନରେ ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ ସମୁଦ୍ରର ତରଙ୍ଗ ଭଳି ପିଟି ହେଉଥାଏ । ଗୃହ ଫାଙ୍କା ରହିବ କି ନାହିଁ, ତା' ପରିଦିନ ସୂର୍ଯ୍ୟୋଦୟ ପୂର୍ବରୁ ବାରାଙ୍ଗନା ଘର ଦୁଆର ମୁହଁରେ ସୁବ୍ରତବାବୁ ଘୁଙ୍ଗୁରବାଲୀ ଶେଯ ଛାଡ଼ିବା ପର୍ଯ୍ୟନ୍ତ ଧାରଣାରେ ରହିବା ପାଇଁ ନିଷ□ ନେଲେ ।

ତେଣେ ନିଘୋଡ଼ ନିଦ୍ରାରେ ଘୁଙ୍ଗୁଡ଼ି ମାରୁଛନ୍ତି ବାରାଙ୍ଗନା ଜଣକ । ଘୁଙ୍ଗୁଡ଼ିର ଶବ୍ଦକୁ ଘୁଙ୍ଗୁରର ଶବ୍ଦ ବାଜିଲା କି ଭାବି ବାବୁଜଣକ କାନ୍ଥ ଉପରେ କାନକୁ ଚାପି କାନେଇ କାନେଇ ଶୁଣୁଥାନ୍ତି । ଅସ୍ପଷ୍ଟ ଶବ୍ଦର ଅନ୍ତରାଳେ ଅନ୍ତ ମିଳୁନଥିବା କିଛି ବି ସୂଚନା ଯେତିକି କଷ୍ଟ ଦେଉନଥିଲା ରସାଳ ଗଛରେ ଏ ଡାଳରୁ ସେ ଡାଳକୁ ବୁଲୁଥିବା କୋଇଲିର ସୁଲଳିତ ଯାଦୁକରୀ କଣ୍ଠରେ କୁହୁକୁହୁ ଶବ୍ଦ ଓ ଘୁଙ୍ଗୁଡ଼ି ବନାମ ଘୁଙ୍ଗୁରର ଶବ୍ଦ ସୁବ୍ରତବାବୁଙ୍କର ହୃଦୟକୁ ଭଗ୍ନାବଶେଷ ଭଳି ଭାଙ୍ଗି ଭାଙ୍ଗି ଭଗ୍ନସ୍ତୂପରେ ପରିଣତ କରିଦେଇଥିଲା । ସୁବ୍ରତ ବାବୁଙ୍କ ମନ ଉକ୍ତ ନାରୀ ପ୍ରତି ଏତେ ମାତ୍ରାରେ ଆସକ୍ତ ଥିଲା, ଯାହାକି ବକ ମୀନ ପ୍ରତି ଲୟକୁ ଉପହାସ କରୁଥିଲା ।

ଏଣେ ସମୟ ଦିବା ଆଠଘଟିକା । ଜଣେ ସ୍ତ୍ରୀଲୋକ କବାଟ ଖୋଲି ଦେଖନ୍ତି ତ ଜଣେ ଅସହାୟ ବ୍ୟକ୍ତି କାହାର ସାହାଯ୍ୟକୁ ଅପେକ୍ଷା କରିଛନ୍ତି ବୋଧେ । ସ୍ତ୍ରୀ ଲୋକଟି ବିନୟର ସହ ବାବୁ ଜଣକୁ କହିଲା, ଦେଖ ଭାଇ ତମେ କାହାକୁ ଅପେକ୍ଷା କରିଛ କି ? ମୁଁ ତମକୁ କିଛି ସାହାଯ୍ୟ କରିପାରେ କି ?

ଯୁବକ ଜଣକ ହଠାତ୍ ଚମକିପଡ଼ି କହିଲେ – ଓଃ କି ବାସ୍ନା ସେ ରଜନୀଗନ୍ଧାର ! ସେ ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ । ମୋତେ ଏସବୁ ଭୀଷଣ ପାଗଳ କରିଦେଇଛି । ବନ୍ଧା ପକେଇ ଦେଇଛି ମୋର ମନ, ବିବେକ, ଚୈତନ୍ୟକୁ ଏହି ଘୁଙ୍ଗୁରବାଲୀ ପାଖରେ । ଆଜିର ପ୍ରଥମ ଅତିଥି ହେବି ମୁଁ । ସ୍ତ୍ରୀଲୋକଟି ବାବୁ ଜଣକ ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରେମର ଯୁକ୍ତି ବାଢୁଥିବାର ଜାଣିପାରି କହିଲେ – ହଇହେ ଟଙ୍କା ଆଣିଛ ? ବାବୁ ଜଣକ କହିଲେ କେତେ ଟଙ୍କା ? ସ୍ତ୍ରୀଲୋକଟି ତାଙ୍କର ବିବରଣୀ ଫର୍ଦ୍ଦଗୁଡ଼ିକୁ ଘରୁଆଣି ପଢ଼ିବା ପାଇଁ ନିବେଦନ କଲା, ତା'ପରେ ସୁବ୍ରତ ବାବୁ ନିୟମାବଳୀର ପ୍ରତିଧାଡ଼ିରେ ସ୍ୱାକ୍ଷର କଲେ ଏବଂ ନିୟମ ପ୍ରକାର ଟଙ୍କା ଓ ଉପହାର ଦିବା ଦଶ ଘଟିକା ସୁଦ୍ଧା ଆଣି ପଇଠ କରିଦେବେ ବୋଲି କହିଲେ । ମୁକ୍ତାକୁ ଘରେ ଛାଡ଼ି ଶାମୁକାର ମାଂସଖଣ୍ଡକୁ ଅଣ୍ଡାଳିବା ପାଇଁ ନିଜର ହୋସ୍‌କୁ ବୁଡ଼ାଇ ଦେଇଥିଲେ ଏଇ ନର୍କପୁରୀର ମାୟାମହଲରେ ଭଦ୍ରବ୍ୟକ୍ତି ଜଣକ ।

ଇତ୍ୟବସରରେ ଯମପୁରରୁ ଶମନଟା ଆସି ଲାଗିସାରିଥିଲା ସୁବ୍ରତବାବୁଙ୍କ ପାଖରେ । ଦୁଇ ତିନିଟା ତାରିଖ ପରେ ରାୟଟା ଯେ ଯମପୁର ସପକ୍ଷରେ ଯିବ ଏକଥା ବାବୁଙ୍କର କାହିଁକି ଅନେକେ ଭଦ୍ରବ୍ୟକ୍ତି ବୁଝି ନପାରି ଜୀବନ

ହାରିଛନ୍ତି । ଅକାଳ ବାର୍ଦ୍ଧକ୍ୟରେ ପଚିସଢ଼ି କୃଶ ପାଲଟି ଯାଇଛନ୍ତି ଏକ ଅଜଣା ରୋଗରେ । ଅନେକଙ୍କ ଜୀବନ ପ୍ରତି ବିପଦ ପାଲଟିଛି କୁହୁକ ଡୋରିରେ ବନ୍ଧା ହୋଇଥିବା ଘୁଙ୍ଗୁର । ତା'ର ରୁଣୁଝୁଣୁ ଶବ୍ଦ - ଧନୀ, ମାନୀ, ଗୁଣୀ, ଜ୍ଞାନୀଙ୍କ ବିବେକକୁ ଝୁଣିଝୁଣି ଟୁକରା ଟୁକୁରା କରିଦେଇଛି । ମର୍ଯ୍ୟାଦା, ପ୍ରତିଷ୍ଠା, ସମ୍ମାନକୁ ମାୟାବିନୀର ରଜନୀଗନ୍ଧା ଗନ୍ଧ ପୂତମୟ କରି ଦେଇଛି । ତା'ର ସୁବିଶାଳ ହୃଦୟର ତାତିରେ ଆକର୍ଷିତ ହୋଇ ପତଙ୍ଗ ଅନଳରେ ଝାସ ଦେଲା ପରି ନିଜର ଶରୀରକୁ ଜାଳିପୋଡ଼ି ଅଙ୍ଗାର କରିଦେଇଛନ୍ତି । ମାୟାମହଲରେ ବାଜୁଥିବା ସୁରତାଳ, ଛାନ୍ଦ ଓ ବାଦ୍ୟର ଝଙ୍କାର ଅନେକଙ୍କୁ ରୂପାନ୍ତରିତ କରିଛି - ଶବ୍ଦ ଆଗରେ ବାଟ କାଢୁଥିବା ଢ଼ାବୁବାଜା । ନୃତ୍ୟାଙ୍ଗନାର ଝାଳ ପାଲଟି ଯାଇଛି ତାଙ୍କ ସହ ନୃତ୍ୟରତ ବ୍ୟକ୍ତିଙ୍କ ପରିବାରର ଆଖିର ଲୁହ ଆକାରରେ । ଅନେକେ ସ୍ତ୍ରୀଲୋକମାନେ ତାଙ୍କ ସ୍ୱାମୀ ଅର୍ଜିଥିବା ରୋଗରେ ଛଟପଟ ହୋଇ ମରଣକୁ ଅପେକ୍ଷା କରିଥାନ୍ତି । ପିଲାଛୁଆମାନେ ମଧ୍ୟ ବାପାଙ୍କ ଦୁଷ୍କର୍ମ ପାଇଁ କ୍ଷୟ ରୋଗରେ ପୀଡ଼ିତ ହୋଇ ଅପେକ୍ଷା କରିଥାନ୍ତି ତାଙ୍କ ବଂଶର ଉ□ରାଧିକାରୀମାନଙ୍କୁ ସେହି ରୋଗର ଉପହାର ଦେଇ ସର୍ବନାଶ କରିବା ପାଇଁ । ସେଠିକାର ମଦବୋତଲର ମତୁଆଲିଆ ପ୍ରେମ ନିଶାରେ ଯେ ବିଷ ଭରି ରହିଥିଲା, ନିଶାଖାଇ ପ୍ରେମ କରୁଥିବା ବ୍ୟକ୍ତିମାନେ ବୁଝିପାରୁନଥିଲେ । ଏ ନିଶାରେ ପାଗଳ ହୋଇଥିବା ସୁବ୍ରତ ବାବୁ କେମିତି ବା ଜାଣିବେ, ମୃତ୍ୟୁ ତାଙ୍କ ଚାରିପଟେ ଘୁରିବୁଲୁଛି । ମାୟାରେ ଢ଼ାଙ୍କି ହୋଇଥିବା ସତେ ଯେମିତି ହାତ ଠାରି ଡାକୁଥିଲା ପ୍ରଥମ ଅତିଥିଭାବେ ଆତିଥେୟ ପ୍ରଦାନ କରିବା ନିମି□ ସୁବ୍ରତ ବାବୁଙ୍କୁ । ସେଦିନର କାଳରାତ୍ରି ବାରମ୍ବାର ମୃତ୍ୟୁର ଘ□ି ବଜଉଥିଲେ ମଧ୍ୟ ତାକୁ ଭ୍ରୂକ୍ଷେପ କରି ନଥିଲେ ଉକ୍ତ ଭଦ୍ରବ୍ୟକ୍ତି ଜଣକ । ବିନାଶ କାଳେ ବିପରୀତ ବୁଦ୍ଧି । ଏହି ସମୟରେ ଡାକରା ଘ□ିଟା ବାଜି ଉଠିଲା କ୍ରିଂ କ୍ରିଂ କ୍ରିଂ । ପ୍ରହରୀ ଜଣକ ଗୋଟାଏ ଗୋଲାପ ଫୁଲ ଧରେଇ ଦେଲେ ବାବୁଜଣଙ୍କ ହାତରେ । ଶୁଙ୍ଘି ଶୁଙ୍ଘି ଉଚ୍ଚାଟ ମନକୁ ନିୟନ୍ତ୍ରଣ କରି ନପାରି ଧସେଇ ପଶିଲେ ରଙ୍ଗମହଲରେ ସୁବ୍ରତବାବୁ ।

ଦେଖିଲେ ରଙ୍ଗିନ ଆଲୁଅ, ରଙ୍ଗିନ ଦୂରଦର୍ଶନ, ଅତରଛି□ା ଗୃହ, ଦାମୀ ମଦ, କାନ୍ଥରେ ଟଙ୍ଗା ହୋଇଥିବା ନାରୀର ଅର୍ଦ୍ଧନଗ୍ନ ସୁନ୍ଦର ଛବି, ସୁନ୍ଦର ଗାଲିଚା, ଛୋଟ ଛୋଟ ବାକ୍ସରେ ଜଳବନ୍ଦୀ ଥିବା ବିଭିନ୍ନ ରଙ୍ଗିନ୍ ମାଛ । ଆକୁ ଦେଖି କେହି ବ୍ରହ୍ମଚାରୀଙ୍କ ଯୋଗ ବି ଉପୁଡ଼ିଯିବ । ଅତିଥିଙ୍କୁ ପାଛୋଟି ନେବାପାଇଁ ବାରାଙ୍ଗନାର ତିନି-ଚାରିଜଣ ସହଚରୀ ସେମାନଙ୍କ ମଧୁବୋଳା କଥା, ମାଦକଭରା ହୃଦୟ ଏସବୁ ଦୃଶ୍ୟ ସୁବ୍ରତ ବାବୁଙ୍କୁ ପାଗଳ ପ୍ରାୟ ରକିଦେଉଥିଲା ।

ଅତିଥିଙ୍କର ଆଗମନ ଜାଣି ରଙ୍ଗମହଲର ରାଣୀ ମହୁମାଛି ଘୁଙ୍ଗୁର ପିନ୍ଧା ଗୋଡ଼ ଦୁଇଟାକୁ ସାମାନ୍ୟ ବଜେଇ ଦେଲା । ସେ ଶବ୍ଦ ସୁବ୍ରତ ବାବୁଙ୍କ ପାଗଳାମୀକୁ ବହୁଗୁଣିତ କରି ଦେଉଥିଲା । ଶବ୍ଦ, ସ୍ପର୍ଶ, ରୂପ, ଗନ୍ଧ ଓ ମାଦକତା ପ୍ରଳୟଙ୍କରୀ ବାତ୍ୟାଭଳି ଘୂରିବୁଲୁଥିଲା ନିବୁଜ କୋଠରିରେ । ବିତିଗଲା ଦୁଇଘ□ା କାଳ । ସେହି ଦୁଇଘ□ାରେ

ପା□ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା ବାବୁଜଣଙ୍କ । ଦୁଇ ତିନିଥରରେ ଭିକାରି ତ ହୋଇଗଲେ ଅଗତ୍ୟା ରୋଗଗୁଡ଼ାକ ଆଣି ଘରେ ଗଜା କରିଦେଲେ । ତା'ପରେ ମୃତ୍ୟୁକୁ ଅପେକ୍ଷା କରି ରୋଗଶଯ୍ୟାରେ ପଡ଼ିରହିଲେ ସୁବ୍ରତବାବୁ ।

ସୁବ୍ରତବାବୁ ଆଖି ବୁଜିବା ପୂର୍ବରୁ ସମାଜକୁ ଏକ ବା□ା ଦେଇଥିଲେ, ମାୟାପୁରୀର ରଙ୍ଗମହଲରେ ଝଲସୁଥିବା ବିଜୁଳି ଆଲୁଅ ହେଉ ବା ରଜନୀଗନ୍ଧା ହେଉ ବା ଅତର କିମ୍ବା ବୋତଲ – ଏ ସବୁରେ ଏକ ନିଶ୍ଚିତ ମୃତ୍ୟୁର କାରଣ ରହିଛି । ଇଏ ଗଲା ଲକ୍ଷପତିଙ୍କ ପ୍ରେମ । ଏ ରୋଗଟି ହେଉଛି – ଏଡ୍ସ, ଏଡ୍ସ ଏଡ୍ସ । ମନକୁ ଲଗାମ ଦିଅନ୍ତୁ – ଏଡସରୁ ମୁକ୍ତି ପାଆନ୍ତୁ । ଆଉ ମଧ୍ୟ ଜାଣି ରଖନ୍ତୁ ଏଡ୍ସର ଭୂତାଣୁ ଛୋଟ ଛୋଟ ସହରଠାରୁ ଗ୍ରାମା□ଳରେ ଦେଖିବାକୁ ମିଳିଲାଣି । ବିଦେଶକୁ କାମ କରିବାକୁ ଯାଉଥିବା ହଜାର ହଜାର ଲୋକ ନିଜର ଆତ୍ମସଂଯମ ରକ୍ଷାକରି ନ ପାରି ବେଶ୍ୟାବାଡ଼ିକୁ ଯାଉଛନ୍ତି । ବେଶ୍ୟାମାନେ ବହୁ ପୁରୁଷର ସଂସ୍ପର୍ଶରେ ଆସୁଥିବାରୁ ତାଙ୍କଠାରୁ ଏଡ୍ସ ଭୂତାଣୁ ଆଣି ନିଜ ସ୍ତ୍ରୀ ପାଖରେ ଛାଡ଼ନ୍ତି । ଅତଏବ ସହର ଠାରୁ ଗ୍ରାମା□ଳ ଯଥା – ବଡ଼ ବଡ଼ ହୋଟେଲ ଠାରୁ ଝୁମ୍ପୁଡ଼ି ଘରେ ସହାବସ୍ଥାନ କଲେ ଯଦି ନିଜକୁ ନିୟନ୍ତ୍ରଣ କରି ନ ପାରିବ, ତେବେ ଏ ଅସାଧ୍ୟ ରୋଗରୁ ମୁକ୍ତି ପାଇବା ଅସମ୍ଭବ । କାରଣ ଏ ପର୍ଯ୍ୟନ୍ତ ଭେଷଜ ବିଜ୍ଞାନୀମାନେ ଉକ୍ତ ରୋଗ ପାଇଁ କୌଣସି ଔଷଧ ବାହାର କରିପାରି ନାହାନ୍ତି । ଏହା କେବଳ ଜନସଚେତନତା ମାଧ୍ୟମରେ ସମ୍ଭବ ।

ଅତଏବ ମୋ ପରି ଅବସ୍ଥା ଭୋଗିବେ, ପରନ୍ତୁ ହଜାର ହଜାର ଲୋକଙ୍କର ଯେ ବିନାଶର କାରଣ ହେବେ ତାହା ନିଶ୍ଚିତ । ଏତକ କହି ପରିବାରବର୍ଗଙ୍କୁ ନର୍କକୁ ଠେଲି ସବୁଦିନ ପାଇଁ ଆଖି ବୁଜିଲେ ।

ସୁବ୍ରତବାବୁଙ୍କ ଉପଦେଶ – ଭଣ୍ଡାରି ଦୋକାନ ହେଉ କିମ୍ବା ଡାକ୍ତରଖାନା ହେଉ ନୂଆ କ୍ଷୁର ଓ ନୂଆ ଛୁ□ ବ୍ୟବହାର କରନ୍ତୁ ।

ଏହା ଡିଆଁ ରୋଗ କିମ୍ବା ଛୁଆଁ ରୋଗ ନୁହେଁ କିମ୍ବା ଏକା ସାଙ୍ଗରେ ଖାଇଲେ, ଶୋଇଲେ ଓ ଲୁଗାପଟା ପିନ୍ଧିଲେ ଏ ରୋଗ ହୁଏନା । କେବଳ ଯୌନ ସଂକ୍ରମଣ ହିଁ ପ୍ରଧାନ କାରଣ । ଏହା ସଚେତନତା ମାଧ୍ୟମରେ ଦୂର ହୋଇପାରିବ । ସାମାଜିକ ବାସନ୍ଦର କୌଣସି କାରଣ ନାହିଁ, ରୋଗୀଙ୍କୁ ଘୃଣା କରନ୍ତୁ ନାହିଁ ।

# ସେଣ୍ଟିମେଣ୍ଟ ବାପା ଆଉ ଖିଆଲି ଝିଅ

**ପୁଷ୍ପମଞ୍ଜରୀ କର**

ଝିଅ ଭାରି ସୁକୁମାରୀ, କନକଲତା, ଲବଙ୍ଗଲତା, ଶିରୀଷଫୁଲ ପରି ନରମ ତନୁ, ସଞ୍ଜ ସକାଳ ଜାଣେ ନାହିଁ, ଭଲମନ୍ଦ ବୁଝେନାହିଁ । ରୀତିରିବାଜ୍ କଥା କିଏ ପଚାରେ, ବାପାର ସ୍ନେହ ଝୁଲଣାରେ, ଝୁଲହାତୀ ହେଉ ହେଉ ସମୟ କେତେବେଳେ ସରିଯାଏ ଝିଅର ବୁଝିବା ଦରକାର ହୁଏ ନାହିଁ ।

ବାପା ତ ବାପା । ଅନ୍ଧ ପରି ଝିଅକୁ ଭଲପାଆନ୍ତି । ଝିଅ ତ ନୁହେଁ, ସେ ତାଙ୍କର ପୁଅଟିଏ ଅବା, ସବୁ କଥାରେ ଝିଅ ତାଙ୍କର ପାଖେ ପାଖେ ଥାଏ । ଝିଅକୁ ଆକଟ କରିବାର ଯୁ ନଥାଏ କାହାର । ଝିଅ ବାପା ପାଖରେ ଚିତ୍ରାଙ୍ଗଦା ନୁହେଁ, ଚିତ୍ରାଙ୍ଗଦା ପରି ବଢ଼େ । ବାପାଙ୍କ ସହିତ ବିଲକୁ ଯାଏ, ବାପା ବିଲରେ ଧାନ ବୁଣିଲେ, ଝିଅ ହିଡ଼ ମୁଣ୍ଡରେ ବସି ଗୋଡ଼ି ଖେଳେ, ଗୋଡ଼େଇ ଗୋଡ଼େଇ ବାଲିକଙ୍କଡ଼ା ଧରେ । ଝିଅ ମୁଣ୍ଡରେ ବାପା ନାଲି ଛକପକା ଗାମୁଛାରେ ପଗଡ଼ି ଭିଡ଼ି ଦିଅନ୍ତି, କହନ୍ତି ମୋ ଝିଅ ଏ ବଣ ମୁଲକର ଯୁବରାଜ । ଝିଅ ହାତରେ ବାଡ଼ିଧରି ଯୁବରାଜ ବୋଲି ଭାବେ । ଦୂରରେ ଚରୁଥିବା ଗାଈଗୋରୁ, ଛେଳିମେଣ୍ଢା ଓ ବିଲରେ କାମ କରୁଥିବା ଲୋକମାନଙ୍କୁ ଦେଖି ଝିଅ ଭାବେ ସେମାନେ ସବୁ ତା'ର ପ୍ରଜାବର୍ଗ ।

ମା'ଙ୍କ ମନରେ ଅସନ୍ତୋଷ, ବାପ ଉପରେ ଗରଗର ହୋଇ ଭାବନ୍ତି, ଝିଅଟା ଝିଅ ଭଳି ରହିବା ଦରକାର । ସଂସ୍କାର ଶିଖୁ, ଝୋଟି ଆଲପଣା ଲେଖୁ, ନଇଁତିନିମି□ ହେଉ, ବଡ଼ସାନର ମାନ୍ୟତା ଜାଣୁ, ରୋଷେଇବାସ କରୁ, ଶାଗ ଖରଡ଼ା, ବେରସବଟା, ମାଛକଟା ଶିଖୁ । ବୁଢ଼ୀ ମା' ପୁରୁଣାକାଳିଆ ଲୋକ । ତାଙ୍କ ଦେହରେ ଏ କଥା ଯାଏନାହିଁ । ସେ ବେଳ ଅବେଳରେ ଦି'ପଦ ଶୁଣାଇଦିଏ । ଝିଅର ମୁଣ୍ଡ ଉପରେ ବାପର ଅଭୟ ହାତ, ଝିଅର ମୁଣ୍ଡ ଉପରେ ବାପର ଶିରସ୍ତ୍ରାଣ, ଝିଅର ଖାତିର ନାହିଁ କାହାରି କଥାକୁ । ଝିଅ ବାପ ସାଥିରେ ଶଗଡ଼ରେ ବିଲକୁ ଖତ ବି□ବାକୁ ଯାଏ, ବାଟରେ କୃଷ୍ଣଚୂଡ଼ାର ରଙ୍ଗିନ ଡାଳସବୁ ଭାଙ୍ଗି ଶଗଡ଼ରେ ଓ ବଳଦ ଶିଙ୍ଗରେ ସେସବୁ ଲଗାଯାଏ । ବାପ ଝିଅକୁ ଆସମାନଡାକୁର ଗପ ଶୁଣାନ୍ତି, ରବିନ୍‌ହୁଡ୍‌ର ଗପ ଶୁଣାନ୍ତି, ଟମକକାଙ୍କ କୁଟୀର କଥା କହନ୍ତି, କହନ୍ତି ତୁ ସରଗର ପରୀ, ମୋର ଝିଅ ହୋଇଆସିଛୁ । ମୋ ଝିଅ ପରି ଆଉ କିଏ ହେବ ? ଆରେ ମୋ' ଝିଅକୁ ମୁଁ ଆଇ.ଏ.ଏସ୍. ବର କରି ବାହା କରେଇବି, ରାଜାପୁଅ ପରି ଜୋଇଁ, ଗୋରା ତକତକ ଚେହରା, ରାଇଜଯାକର ବାଣ ଚମକରେ ସାତଖଣ୍ଡ ଗାଁ କମ୍ପିବ, ଭୋଜିଭାତରେ ଚାରିଖଣ୍ଡ ମୌଜା ମହକିବ । ମୋ ଝିଅ ଆମ୍ବାସାଡ଼ର କାର୍ ଚଢ଼ି ଯେତେବେଳେ ମୋ ଜୋଇଁ ସାଥିରେ ତା' ଶାଶୂଘରୁ ଆମ ଗାଁରେ ଓହ୍ଲେଇପଡ଼ିବ, ସାଇ ଝିଅଙ୍କର ଦିମାକ୍ ଖରାପ୍ ହୋଇଯିବ ।

ଝିଅର ଆଖିରେ ଆଖିଏ ସ୍ୱପ୍ନ । ସ୍ୱପ୍ନରେ ସ୍ୱପ୍ନରେ ସେ ଆଇ.ଏ.ଏସ୍ ଜୋଇଁ ସାଥିରେ ଘୂରିବୁଲେ । ଆମ୍ବାସାଡାର କାର୍‌ରେ ଶାଶୂଘରୁ ବାପଘରୁ ଆସେ, ଖୁସିରେ ତା'ର ଆଖି ଚିକ୍‌ମିକ୍ କରେ । ଖିଆଲି ଝିଅ ଏମିତି ଖୁସିରେ ଖୁସିରେ ସ୍ୱପ୍ନରେ ସ୍ୱପ୍ନରେ ଭାସିବୁଲୁଥାଏ । ରାଜକୁମାରୀ ଭଳି ନଈ ସୁଅରେ ବାର ହାତୀ କେଶକୁ ଡିମିରି ଫୁଲରେ ଗୁଡ଼େଇ ଗୁଡ଼େଇ ଫିଙ୍ଗୁଥିଲାବେଳେ, ସ୍ୱପ୍ନର କାଗଜଡଙ୍ଗାକୁ ନଈ ସୁଅରେ ଭସାଇ ଦେଇଥିଲାବେଳେ ହିଁ ତା'ର ସ୍ୱପ୍ନ ଅଟକି ଯାଇଥିଲା ।

ବାପାଙ୍କ ଭଲ ପାଇବା ମହଜୁଦ୍ ଥାଏ । ଝିଅର ବାଲ୍ୟଚପଳତା କଟିଯାଇ, ବୟସର ଝନ୍‌ଜା ବାଡ଼େଇ ହୋଇଯିବାକୁ ବ୍ୟସ୍ତ । ବୁଢ଼ୀମା'ର ଖୁ□ାଦିଆ କଥା ଆଉ ବାଧୁ ନଥାଏ । ମା' ଆଉ ଗରଗର ହେବାକୁ ସମୟ ପାଇଲେନି । ହଠାତ୍ ସେ ଅସାଧ ରୋଗରେ ପୀଡ଼ିତା ହୋଇ ଅସୁସ୍ଥ ହୋଇପଡ଼ିଲେ । ମା'ଙ୍କୁ କ'ଣ ହୋଇଛି ଦେଖାଇବା ପାଇଁ ମେଡ଼ିକାଲ୍ ଅଣାହେଲା । ମା'ର ଆଶା ଭରପୂର ଆଖିରେ ସନ୍ଦେହର ମେଘ । ଝିଅର ଚୁଲ୍‌ବୁଲୀ ମୁହଁରେ ବତୁରା ବତୁରା ଆଖି, ଏଇ ବର୍ଷିବ ବର୍ଷିବ ହୋଇ ବର୍ଷିପାରୁନି ।

ନାମୀଦାମୀ ଡକ୍ଟର ବାମଦେବ ତ୍ରିପାଠୀ, ମା'ଙ୍କୁ ଟ୍ରିଟ୍ କରୁଥିଲେ । ପରୀକ୍ଷା ଚାଲିଲା, ମଳମୂତ୍ର, ରକ୍ତ ପେଟ ଭିତରର ମାଂସ । ରିପୋର୍ଟ ଆସିଲା କାର୍‌ମସିସ୍ । ଯାହାଙ୍କ ରିପୋର୍ଟ ଉପରେ ହଣ୍ଡ୍ରେଡ୍ ପରସେ□ ଗ୍ୟାରେ□ । କାରମ୍‌ସିସ୍‌ର ଅର୍ଥ ବୁଝିଲା ଭଳି ବୟସ ସେତେବେଳେ ହୋଇନଥିଲା କାହାରି । ସେ କଥା ନୁହେଁ, କିନ୍ତୁ ସେମାନେ ରୋଗ ବିଷୟରେ କିଛି ଜାଣି ନଥିଲେ । ଖୁସିବାସିଆ ଝିଅର ସବୁଯାକ ଭାବପ୍ରବଣତା ମଉଳି ଯାଉଥିଲା ।

ମା'ଙ୍କୁ ଚିକିତ୍ସା କରିବାରେ ବହୁତ ଅର୍ଥଶ୍ରାଦ୍ଧ କରିବାକୁ ପଡ଼ିଲା । ଝିଅର ଅଣ୍ଡିରୀଚଣ୍ଡୀ ସ୍ୱାଭବ ଆପେ ଆପେ ଠପ୍ ହୋଇଗଲା । ତଥାକଥିତ ଗ୍ରାମ୍ୟ କିଶୋରୀଟିଏ ପରି ଝିଅ ମାଆର ସବୁ ସେବାଶୁଶ୍ରୁଷା କରୁଥାଏ । ସବୁକଥା ଗୋଟେ ପୁରୁଖା ପୁରୁଣା ଘରଣୀ ପରି କରୁଥାଏ । ସେ□ମେ□ ବାପା ଝିଅର ସୁକୁମାର ଚେହେରାର ଶିଥିଳତା ଦେଖି ଦୁଃଖରେ ମ୍ରିୟମାଣ ହୋଇପଡୁଥାନ୍ତି । ମା'ଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ଝିଅର ବାହାଘର ଠିକ୍ ହୋଇଗଲା । ସେତେବେଳକୁ ବୁଝିବାର ଅବକାଶ ନଥାଏ ଝିଅର ସମ୍ମତି କ'ଣ । ଖିଆଲି.ଝିଅ ସୁଧାର ଝିଅଟି ପରି ବାହା ହେବାକୁ ମୁଣ୍ଡ ଟୁଙ୍ଗାରିଲା । ସ୍ୱପ୍ନରେ ରହିଗଲା ଆଇ.ଏ.ଏସ୍ ବର, ଆଉ ଆମ୍ବାସାଡ଼ାର କାର୍ । ପଛରେ ପଡ଼ିରହିଲା ସ୍ୱପ୍ନର ସଉଧ, ସୁକୁମାର ଇମାରତ, ଆସ୍ମାନର ଚାନ୍ଦ, ଆଉ ଇନ୍ଦ୍ରନୀଳ ଶାଢ଼ୀର ଜରିପକା ଆ□ଲ୍ ।

କିଛିଦିନ ପରେ ମାଆର ଦେହାନ୍ତ ହୋଇଗଲା । ବାପାଙ୍କ ଆଶୋକ କୁମାର ଷ୍ଟାଇଲ୍ ଆଉ ବାଦ୍‌ହାହୀ ମନ ଥବିର ହୋଇଗଲା । ଝିଅ ଲୁହ ଡବ ଡବ ଆଖିରେ ବାପାଙ୍କଠାରୁ ବିଦାୟ ନେଇ ଶାଶୂଘରକୁ ଗଲା । ପଛରେ ପଡ଼ିରହିଲା - ଝିଅର ବାଦ୍‌ଶାହୀ ସ୍ୱପ୍ନ, ଯୁବରାଜର ନିଶା । ବାପାଙ୍କୁ ଏକାକରି ଝିଅ ଚିତ୍ରାଙ୍ଗଦରୁ ଚିତ୍ରାଙ୍ଗଦା ହୋଇଗଲା ।

ଝିଅ ଶାଶୂଘରେ ଘରକରଣା କଲା ।

ବହୁପଣିଆ କରି ବାପାର ନାଁ ରଖିଲା । ବେଳେବେଳେ ତା'ବାପାଙ୍କୁ ଦେଖିବାକୁ ଆସେ । ଝିଅର ନିରାଭରଣ ବେଶ ବାପା ଛାତିକୁ ଘା☐ଚକଟି ପକାଏ । ଝିଅ ଆମ୍ବାସାଡାର୍ କାର୍‌ରେ ଆସେନାହିଁ, ନିଜର ଶିକ୍ଷକ ସ୍ୱାମୀ ସହ ଲୋକାଲ୍ ବସ୍‌ରେ ଧକଡ଼ ଚକଡ଼ ହୋଇଆସେ । ବାପାଙ୍କ ଆଖିରୁ ଜ୍ୟୋତି ଲିଭିଆସୁଥାଏ । ଝିଅର ମୁଣ୍ଡରେ ହାତ ରଖି ବାପା କୋହ ଅଟକେଇ କହାନ୍ତି, ମା'ରେ ସବୁ ଠିକ୍ ହୋଇଯିବ । ଝିଅର ଆଖି ବତୁରିଯାଏ ।, ଝିଅ ହସିଦ୍ଦି, ଶୁଖିଲା ହସଟେ । ହସୁ ହସୁ ଧାର ଧାର ଲୁହ ଗଡ଼ିଆସେ । ବାପାଙ୍କର ସିଧାସଳଖ ଶରୀରଟା ନଇଁପଡିଥାଏ । କାନ୍ଥରେ ମା'ଙ୍କ ଫଟୋଚିତ୍ରରେ ଶୁଖିଲା ଫୁଲମାଳ, ଶୁଖିଲା ଚନ୍ଦନ ସେମିତି ଚହଟୁଥାଏ । ଝିଅର ମାନସିକତା ବଦଳିଯାଇଥାଏ । ବୁଝିସାରିଲାଣି ସେ ଭାବିଥିବା ସ୍ୱପ୍ନସବୁ ସ୍ୱପ୍ନରେ ହିଁ ଭଲ ଲାଗେ ବାସ୍ତବରେ ନୁହେଁ । ସ୍ୱପ୍ନର ରଙ୍ଗମହଲ, ସ୍ୱପ୍ନର ରଙ୍ଗରେ ଝଲସିଉଠେ, ବାସ୍ତବତାର ଆଖି ତାକୁ ଦେଖିପାରେ ନାହିଁ ।

ବାପାଙ୍କ ଝାପ୍‌ସା ଆଖିରେ ସମ୍ଭାବନାର ସୂର୍ଯ୍ୟ, ଝିଅକୁ ତଥାପି ଅଦ୍ୱିତୀୟା ଭାବେ ଭାବନ୍ତି । ଝିଅର ସଂସାରରେ ତଥାପି ସ୍ୱପ୍ନର ଭାସମାନ ତରୀ, ସେ ତରୀରେ ଝିଅ ଏକା ନାଉରୀ, ବାଟୋଇ ଆଉ ନଇ ।




# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

# ପୁରୁଣା ଚିଠି

ଅନନ୍ତ ଚରଣ ଦେହୁରୀ

ଦଶହରା ପାଇଁ ସ୍କୁଲ ଛୁଟି ହୋଇସାରିଥାଏ । ମମି କହିଲେ ଆରେ ବ□ ତୋର ଅଜା ଆଈ ଖବର ପଠାଇଛନ୍ତି, ତୁ ମାମୁ ଘରକୁ ଯାଇ ଦୁଇଚାରିଦିନ ରହି ତୋର ଅଜାଆଈଙ୍କୁ ଦେଖି ବୁଲିଆସିବୁ । ବ□ ବି ମାମୁଁଘରକୁ ଯିବା ପାଇଁ ଆଗଭର । ମାମୁଘର ଗାଁ ନଦୀକୂଳ, ଆମ୍ବ ତୋଟାମାଳ, ସବୁଜ ଧାନକ୍ଷେତ, ଦୂର ନୀଳ ପାହାଡ଼, ଜାତି ଜାତି ରଙ୍ଗବେରଙ୍ଗର ବଣଫୁଲ । ଗାଁ'ର ଶେଷ ମୁଣ୍ଡରେ ବାଲୁଙ୍କେଶ୍ୱର ମନ୍ଦିର, ଗାଁ'ର ଏ ମୁଣ୍ଡରେ ଦଧିବାମନ ମନ୍ଦିର । କାଶତଣ୍ଡୀ ଫୁଲର ଢେଉଦେଖିଲେ ମନେହୁଏ ସତେଯେମିତି ପବନ ସାଥୀରେ ଏମାନେ ଲୁଚକାଳି ଖେଳୁଛନ୍ତି । ଗାଁ' ମଝିରେ ଦୁଇ ଏକର ଆୟତର ଏକ ବଡ଼ ପୋଖରୀ ଚାରିପାଖ ପାଣିକୁ ଲାଗି ମାଙ୍କଡ଼ା ପଥରର ପାହାଚ । ପୋଖରୀ ହୁଡ଼ାର ଚାରିପାଖେ ଦୁଇ ଧାଡ଼ିର ନଡ଼ିଆ ଗଛ । ପୋଖରୀର ପାଣି ସ୍ୱଚ୍ଛ ଆଉ ନିର୍ମଳ, ଆଉ ଏତେ ଥଣ୍ଡା ଯେ ଖରାଦିନରେ ଗାଧୋଇ ପଡ଼ିଲେ ଦେହ ଶୀତେଇ ଉଠେ । ଶୀତଦିନରେ ଏ ପାଣିରେ ପାଦ ଥାପିଦେଲେ ପାଦ ବରଫ ଭଳି କାଲୁଆ ହୋଇଥାଏ । ଏତେ ଥଣ୍ଡା ଯେ ଯେମିତି ପାଣି କାମୁଡ଼ି ଦେଉଛି, ସେଥିପାଇଁ ସେ ପୋଖରୀର ନାଁ କୁଆଡ଼େ କାମୁଡ଼େଇ ଗଡ଼ିଆ । ସନ୍ଧ୍ୟା ଆସିଲେ ଗାଁ'ର ଗ୍ରାମଦେବୀଠାରୁ ତୁଳସୀ ଚଉଁରାଯାଏ ଗାଁ'ର ଝିଅବୋହୂମାନେ ଧୂପ, ଦୀପ, ଆଳତି ଡ଼ାଳି ଶଙ୍ଖ ବଜାନ୍ତି । ଭାଗବତ ଟୁଙ୍ଗିର ପବିତ୍ର ଘ□ ଶବ୍ଦ ସାଙ୍ଗକୁ ଗାଁ ଲଙ୍ଗଳା ପିଲାମାନଙ୍କର ଖୁସି କହିଲେ ନସରେ । ପ୍ରକୃତି ରାଣୀର ଏପରି ମନୋମୁଗ୍ଧକର ଦୃଶ୍ୟ ଯିଏ ଥରେ ଦେଖିଛି ସିଏ କେବେ ବି ଭୁଲିପାରିବନି ।

ମନକଥା ମନେଥାଏ ତହିଁ ଆରଦିନ ବାହାରିପଡ଼ିଲି ମାମୁ ଘରୁ ଗାଁକୁ । ସହଜେ ତ ଶରତରତୁ । ମାମୁଁଘର ଗାଁ କ୍ଷେତ, ଦୂର ପାହାଡ଼ର ଦୃଶ୍ୟକୁ ଦେଖି ଯାଉ ଯାଉ ପହ□ଗଲି ମାମୁଁଙ୍କ ଘର ପାଖରେ । ମାମୁଁ, ମାଇଁ ମତେ ବହୁତ ଆଦର କରି କୋଳେଇ ନେଲେ । 'ମୁଁ ଆସିଛି ଜାଣି ଅଜା ଆଈ ମଧ୍ୟ କମ୍ ଆଦର କଲେ ନାହିଁ । ମାମୁଙ୍କର ଦୁଇ ପୁଅଝିଅ ସହଜେ ମୋର ସହପାଠୀ ଭାଇଭଉଣୀ ବେଶ୍ ଆନନ୍ଦର ଲହରୀ ଖେଳିଗଲା । ଏହା ଭିତରେ ଅଜା ମୋ' ହାତକୁ ଧରି ତାଙ୍କ ଶୋଇବା ଘରକୁ ଡାକି ନେଇଗଲେ । କହିଲେ, ଏଇ ଖଟିଆରେ ବସ୍, ମୁଁ ଟିକେ ଧୋଇଧୁଆ ହୋଇଆସେ ଗପିବା । ଘରର ଏଣେତେଣେ ଚାହୁଁ ଚାହୁଁ ଦେଖିଲି ଅଜାଙ୍କ ଖଟିଆର ମୁଣ୍ଡ ପାଖରେ ଗୋଟିଏ ପୁରୁଣା ବକ୍ସ ଥୁଆ ହୋଇଛି । ବାକ୍ସ ଭିତରେ କ'ଣ ଅଛି ଖୋଲି ଦେଖିଲି ବାକ୍ସ ଭିତରେ କେଇଖଣ୍ଡ କୁ□ା, କିଛି କାଗଜପତ୍ର ଏବଂ ଗୋଛାଏ ପୁରୁଣା ଚିଠି । ସେହି ଚିଠି ଭିତରୁ ଖଣ୍ଡିଏ ଚିଠି ଉଠାଇ ଆଣିଲି, ଚଉପରସ୍ତିଆ ନୀଳ ଚିଠିକୁ ଖୋଲିପଢ଼ି ବସିଲି । ଚିଠିରେ ଲେଖାଥିଲା–

ଓଁ ମା' ତାରିଣୀ ଭରସା,

ପୂଜନୀୟ ସ୍ୱାମୀ, ମୋ ହୃଦୟର ଦେବତା । ଆପଣଙ୍କ ଚରଣ ତଳେ ମୋର କୋଟି କୋଟି ପ୍ରଣାମ ସାଦରେ ଗ୍ରହଣ କରିବ । ଏ ଦାସୀକୁ ପାଦରେ ଦୂରେଇ ନ ଦେଇ ଆପଣଙ୍କ ପାଦ ତଳେ ଆଜୀବନ ସ୍ଥାନ ଦେବେ ବୋଲି ମୋର ଆଶା ଓ ବିଶ୍ୱାସ । ମୋ ଦେହ ଏଠାରେ ଭଲରେ ଅଛି, ଆଶାକରେ ଆପଣଙ୍କ ଦେହ ଈଶ୍ୱରଙ୍କ କୃପାରୁ ଭଲରେ ଥାଉ । ମୋ ପାଇଁ ବ୍ୟସ୍ତ ହେବନି । ମୁଁ ଏଠାରେ ଦୁଃଖେସୁଖେ ଦିନ କାଟୁଛି । ଆପଣ ଚିଠିରେ ଲେଖିଥିଲେ ଆପଣ ସେଠାରେ ଖାଇବା ପିଇବା ଭୁଲି ଅନ୍ୟମନସ୍କ ରହୁଛନ୍ତି କାହିଁକି ? ସେମିତି କରିବେ ନାହିଁ, ସରକାରୀ କାମ ଦେହ ଅସୁସ୍ଥ ହୋଇଯିବ । ଦେହ ପ୍ରତି ଯତ୍ନ ନେଉଥିବେ । ମୁଁ ଏଠାରେ କେମିତି ଦିନ କାଟୁଛି ଆପଣ ଜାଣିପାରିବେନି । ସବୁରାତି ଆପଣଙ୍କ ଦେଇଥିବା ପୁରୁଣା ଚିଠିଗୁଡ଼ିକୁ ପଢୁ ପଢୁ କେତେବେଳେ ଆଖି ଲାଗିଯାଏ ଜାଣିପାରେନା । ତୁମର ପୋଷ୍ଟ ଅଫିସ୍ ଚାକିରୀ ଅନ୍ୟମନସ୍କ ହେବେନାହିଁ । ଆପଣମାନେ ଟିକିଏ ଭୁଲ୍ କରିଦେଲେ ସାରାଭାରତ ଭୁଲ ହୋଇଯିବ । ଆପଣ କହୁଥିଲେ ଦଶରା ଛୁଟିରେ ଆସିବେ ବୋଲି । ହଁ, ଆସିଲାବେଳକୁ ମନେକରି ଦିଅଁଙ୍କ ପାଇଁ ଦୁଇଟି ଭୋଗଥାଳିଆ, ଗୋଟିଏ ଆଳତୀ ଦୀପ ଆଣିବେ, ଭୁଲିବେ ନାହିଁ । ଆପଣଙ୍କ ମଙ୍ଗଳ ଘରର ମଙ୍ଗଳ ପାଇଁ ଦିଅଁଙ୍କ ପାଖରେ ସବୁଦିନ ଭୋଗ ଆଳତୀ ଢ଼ାଳିବି । ଆପଣଙ୍କୁ ଛାଡ଼ି ମୁଁ ନିଶ୍ଚିତରେ ଦିନ କାଟିପାରୁ ନାହିଁ, ମୋର ଆଖି ଦୁଇଟା ସର୍ବଦା ଆପଣଙ୍କ ପାଖରେ ରହିଥାଏ । ଆପଣଙ୍କ ଚିଠି ଆଉ ଆସିବା ବାଟକୁ ଚାତକ ପକ୍ଷୀ ପରି ଚାହିଁ ରହିଥାଏ ।

ପତ୍ର ପାଇ ପତ୍ର ଦେବେ ଆଉ କ'ଣ ଲେଖିବି, ଲେଖିବସିଲେ କାଗଜ ଅ□ିବ ନାହିଁ, କଲମରେ କାଳି ସରିଯିବ । ତା'ପରେ ଆପଣଙ୍କ ପାଖରେ କ'ଣ ଅବା ଲେଖିବି । ଆପଣତ ଉଚ୍ଚଶିକ୍ଷିତ । ମୁଁ କେବଳ ମାଇନର ଯାଏ ପଢ଼ିଛି । ମୋର କିନ୍ତୁ ଅଧିକା ପାଠ ପଢ଼ିବାକୁ ଇଚ୍ଛା ଥିଲା । ମୋ' ମା' କିନ୍ତୁ ରୋକ୍‌ଠୋକ୍ ମନା କରିଦେଦେଲେ । ଝିଅ ବଡ଼ ହୋଇଗଲାଣି ଆଉ ପାଠ କ'ଣ ଦରକାର । ଝିଅ ଜନମ ତ ଶାଶୂଘରକୁ ଆଉ ହାଣ୍ଡିଶାଳକୁ । ପାଠପଢ଼ି କିଏ କ'ଣ ସ୍ୱର୍ଗ ଗଲେଣି । ଆଜି କିନ୍ତୁ ମୁଁ ଭାବୁଛି ଅଧିକା ଟିକେ ପାଠ ପର୍ଢ଼ିଥିଲେ, ଆପଣଙ୍କ ସମସ୍ତ କଥା ବୁଝିପାରୁଥାନ୍ତି । ସେସବୁ ମୋ ଭାଗ୍ୟରେ ନାହିଁ । ଲେଖୁ ଲେଖୁ ବାୟାଣୀଙ୍କ ପରି କ'ଣ ଗୁଡ଼ାଏ ଲେଖିପକାଇଲି ଯଦି କିଛି ଭୁଲ୍ ରହିଯାଇଥାଏ କ୍ଷମାକରି ଦେବେ । ଆଉ କ'ଣ ଲେଖିବି କେବେ ଆସିବେ ଭଲଭାବରେ ଜଣାଇବେ ମୁଁ ଆପଣଙ୍କ ଅପେକ୍ଷାରେ ରହିଲି....।

ଇତି

ଆପଣଙ୍କ ହତଭାଗିନୀ ଦାସୀ, ଉଷା

ଅଜା ଗାଧୋଇସାରି ଘର ଭିତରକୁ ଆସିବା ପୂର୍ବରୁ ଚିଠିଟିକୁ ସମ୍ପୂର୍ଣ୍ଣ ପଢ଼ିସାରିଥିଲି ଏବଂ ଅଜା ଆଇଙ୍କର କଥା ପଢ଼ି ମଜା ନେଉଥିଲି । ଅଜା ମୋ' ହାତରେ ଚିଠିଟି ଦେଖି କହିଉଠିଲେ ହଇରେ ହଇରେ ଟଗଲା ହାତରେ ସେଇଟା କ'ଣ ଧରିଛୁ ଦେଖି ଦେଖି ମୋ' ହାତରୁ ଚିଠିଟି ନେଇଗଲେ ।

ଆରେ ବାବା ସେଇଟା ମୋ ପୁରୁଣା ଚିଠି । ସମୁଦାୟ ଚିଠିଟାକୁ ପଢ଼ିଦେଲୁ । ସବୁ ସାରିଦେଲୁ । ଯଦି ପଢ଼ିଦେଲୁ ଏ କଥା ତୋ' ଆଈକୁ କହିବୁନି କି ଚିଡ଼ାଇବୁ ନାହିଁ । ଏହିପରି ଅନେକ ଚିଠି ସାଇତି ରଖିଛି ମୋ' ଚାକିରିକାଳ ଭିତରେ । ତୋ' ମମିର ସେତେବେଳେ ଜନ୍ମ ନ ଥାଏ । ମୁଁ ଚୌଦ୍ୱାର ପୋଷ୍ଟ ଅଫିସ୍‌ରେ ପୋଷ୍ଟମାଷ୍ଟର ଭାବେ ଚାକିରି କରୁଥାଏ । ଏ ସୂର୍ଯ୍ୟନାରାୟଣ ଦାସ ସଚ୍ଚୋଟ ପୋଷ୍ଟମାଷ୍ଟର ବୁଝିଲୁ ଅମ ଡାକବିଭାଗକୁ ଲୋକଙ୍କଠାରୁ ବହୁତ ସମ୍ମାନ ମିଳୁଥିଲା । ଲୋକମାନଙ୍କ ସେବାରେ ଆମେମାନେ ଦିନରାତି ଖଟୁଥିଲୁ । ସମସ୍ତଙ୍କର ବିଶ୍ୱାସଭାଜନ ଥିଲୁ । ସେ ସମୟରେ ତୋ' ଆଈ ମୋ' ପାଖକୁ ଏଇ ଚିଠିଟି ପଠାଇଥିଲା । ମୁଁ ବି ତୋ ଆଈ ପାଖକୁ ଚିଠି ଲେଖୁଥିଲି, ସ୍ନେହର ଉଷା ସ୍ନେ ନେବ । ଉଷା ବିନା କ'ଣ ସୂର୍ଯ୍ୟ ବ□ିପାରେ । ଏମିତି ଅନେକ ଅନେକ କଥା କ୍ଷଣିକ ଭିତରେ କେଉଁଆଡେ ଉଭେଇଗଲା । କୁଆଡ଼େ ଗଲା ସେଦିନ, କୁଆଡ଼େଗଲା ସେ ସଦ୍ୟ ଫଳ, ମୂଳ, ସୁସ୍ୱାଦୁ ଖାଦ୍ୟ । ଦେଖ୍ ଦେଖ୍ ମୋ' ଚେହେରାକୁ ଷତଷଠି ବର୍ଷ ହେଲାଣି, ସମ୍ପୂର୍ଣ୍ଣ କେଶ ପାଚି ନାହିଁ, ଦାନ୍ତ ବି ଖସିନାହିଁ । ସତଷଠି ବର୍ଷର ବୁଢ଼ା ଏବେ ପୂରା ଭେଣ୍ଡିଆ ପରି ବାଡ଼ିବଗିଚା କାମ କରିପାରୁଛି । ତୁମପରି ଦିଗଣ୍ଡା ଟୋକା ମୋତେ କାମ ଦାମରେ ହଟାଇ ପାରିବନି ଥକିଯିବ । ହେଲେ ଆଜି ଦୁନିଆ ବହୁତ ଉନ୍ନତ ହୋଇଛି ସତ; ବିଜ୍ଞାନର କୌଶଳ ଉନ୍ନତ ହେଲେ ମଣିଷ ଭୁଲିଯାଇଛି ତା'ର ପରମ୍ପରାକୁ ପୁରୁଣାଦିନକୁ । ନା ଏଠି ଅଛି ସେଦିନର ସେନେହ ଆଦର ଗୁରୁଜନମାନଙ୍କୁ ସମ୍ମାନ, ଦିଅଁ ଦେବତାଠାରେ ଭକ୍ତି, ନା ଏଠି ଅଛି ପ୍ରାଚୀନ ସାହିତ୍ୟର ଆଦର । ଆଉ ତମେମାନେ ହାତରେ ମୋବାଇଲ୍ ଧରି ବାପାଙ୍କୁମାଆଙ୍କୁ, ଭାଇଭଉଣୀଙ୍କୁ, ଗୁରୁଜନମାନଙ୍କୁ ହ୍ୟାଲୋ ମମି, ହ୍ୟାଲୋ ଡାଡି ଉଚ୍ଚାରଣ କରୁଛ । ମୋତେ କିନ୍ତୁ ଏସବୁ ଭଲ ଲାଗୁନାହିଁ, ନାତିଆ ଏ ହାବଭାବ ମୋତେ ଅଖାଡ଼ୁ ଅଖାଡ଼ୁ ଲାଗୁଛି ।

ମୁଁ କେବଳ ଭାବୁଛି ଅତୀତର ସେହି ପୁରୁଣାଦିନର ସାହିତ୍ୟ ସଂସ୍କୃତିକୁ । ଚିଠି ମାଧ୍ୟମରେ ଦୁଃଖସୁଖର ବା□ା ଆଉ ଭାବର ଆଦାନପ୍ରଦାନ । କାହିଁ ଏଠି ସେଦିନର ମୁକ୍ତ ଆକାଶ, ମୁକ୍ତ ବିହଙ୍ଗ, ମୁକ୍ତ ମଳୟ ଆଉ ଶାନ୍ତ ପରିବେଶ । ପ୍ରକୃତି ରାଣୀର ରୂପକୁ ଛିନ୍‌ଭିନ୍ କରି ଆଜିର ବିଜ୍ଞାନୀ ମଣିଷ ତା' ଉପରେ ଗଢ଼ି ଦେଉଛି ମାଳମାଳ ଅଟ୍ଟାଳିକା ଆଉ କଳକାରଖାନା । ପ୍ରକୃତି ପରେ ଖୋଳା ଚାଲିଛି କେତେ ଖଣି ଖାଦାନ । ଦିନକୁଦିନ କ୍ଷୀଣ ହୋଇଯାଉଛି ନଦନଦୀ, ଗିରି, ବନଲତା । ଝରିପଡୁଛି ପ୍ରକୃତି ଆଖିରୁ ଲୁହ । କାହାକୁ ବା କହିବି କିଏ ବା ଶୁଣିବ ମୋ' କଥା କିଏ ହେବ ମୋର ସାଥୀ । କାହାକୁ କହିବା ଆଗରୁ ଏତିକି ଜାଣିଛି । ସବୁଠୁ ସୁନ୍ଦର ସବୁଠୁ ମୋ ପ୍ରିୟ ଗାଁ ମଧୁବନ ମାଟି, ଆଉ ମୋର ଏଇ "ପୁରୁଣା ଚିଠି' ।

# ପୁରସ୍କାର

**ନନ୍ଦିନୀ ନାଏକ**

ମନୋହରପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ଦୁଇଶହ ଛାତ୍ରଛାତ୍ରୀ ପାଠ ପଢୁଥିଲେ । ମନୋହରପୁର ଗାଁ'ଟି ବହୁତ ବଡ଼ ହେଲେ ପ୍ରାୟ ଗରିବ ଘରର ପିଲାମାନେ ପାଠ ପଢୁଥିଲେ । ଅଧିକାଂଶ ପିଲାଙ୍କ ବାପା, ମା' ମୂଲ ଲାଗି ପେଟ ପୋଷୁଥିଲେ ।

ପପୁ ବୋଲି ଗୋଟିଏ ଗରିବ ଘରର ପିଲା ଥିଲା । ପପୁ ଜଣେ ପ□ମ ଶ୍ରେଣୀର ଛାତ୍ର । ଦେଖିବାକୁ କଳା, ମୋଟା, ଡେଙ୍ଗା ଓ ଖୁବ୍ ସାହସୀ ମଧ୍ୟ । କାମ କରିବାକୁ ଖୁବ୍ ଧୁରନ୍ଧର । ଖେଳରେ ବି ସବୁବେଳେ ପ୍ରଥମ ହୁଏ; କିନ୍ତୁ ପାଠରେ ଜିରୋ । ଘରେ ପପୁର ରୋଗିଣା ମା' ବାପା ଅନ୍ୟ ଘରେ ମୂଲ ଲାଗି ପେଟ ପୋଷନ୍ତି ।

ଥରେ ବ୍ଲକ୍ ସ୍ତରୀୟ ଖେଳ ପ୍ରତିଯୋଗିତା ହେବାକୁ ଥିଲା । ସ୍କୁଲରେ ପ୍ରଥମେ ଶିକ୍ଷକ ଖେଳ ପ୍ରତିଯୋଗିତା କଲେ, ହେଲେ ସବୁ ଖେଳରେ ପପୁ ପ୍ରଥମ ହେଲା । ପପୁକୁ ଶିକ୍ଷକ ସିଲେକ୍ଟକଲେ, ସେ ଖେଳ ଖେଳିବାକୁ ଯିବ । ତା' ମନରେ କେତେ ଆଶା ଆକାଙ୍କ୍ଷା । ସେ ଖେଳରେ ଜିତିଲେ କେତେ କ'ଣ ପାଇବ ।

ପପୁର ମା' ଏବେ ଶଯ୍ୟାଶାୟୀ । ସେ ବି ଅନ୍ୟ ଘରକୁ ମୂଲ ଲାଗି ଯାଉଥିଲା । ହେଲେ କେଉଁ ଏକ ଅଜଣା ରୋଗରେ ଶଯ୍ୟାଶାୟୀ ହୋଇଗଲା । ଡାକ୍ତର କହୁଛନ୍ତି ଅପରେସନ୍ କରିବାକୁ ପଡ଼ିବ, ହେଲେ ତାଙ୍କ ବାପା ପାଖରେ କେତେ ଟଙ୍କା ଅଛି ଯେ, ମା'ଙ୍କୁ ଅପରେସନ୍ କରିବ ।

ବ୍ଲକ୍ସ୍ତରୀୟ ଖେଳ ପ୍ରତିଯୋଗିତା ଦିନ ଆସି ପହ□ଗଲା । ମା'ଙ୍କ ଠୁ ବିଦାୟ ନେଇ ପପୁ ଶିକ୍ଷକ ସାଙ୍ଗରେ ଯିବାକୁ ପ୍ରସ୍ତୁତ ହେଲେ । ମା' ତାଙ୍କର ପୁଅକୁ କହୁଥାନ୍ତି, ଯା'ରେ ପୁଅ ତୁ ଖେଳିବାକୁ ଯାଆ । ତୁ ଆସିଲେ ଆମେ ଡାକ୍ତରଖାନାକୁ ଯିବା । ମୋର ଅପରେସନ୍ ହେବ । ଏମିତି କେତେ ଆଶା ପପୁଙ୍କ ମା'ଙ୍କ ମନରେ ଉଙ୍କି ମାରୁଥାଏ ।

ଭୋର୍ ସାତଟାରେ ଖେଳପଡ଼ିଆରେ ଗୁରୁଜୀଙ୍କ ସାଙ୍ଗରେ ପପୁ ପହ□ିଲା । ଖେଳ ଆରମ୍ଭ ହେଲା ୫୦ମି., ୧୦୦ମି., ହାଏ ଜମ୍ପ, ଲଙ୍ଗ୍ ଜମ୍ପ୍ ଇତ୍ୟାଦି..... ହେଲେ ସବୁ ଖେଳରେ ପପୁ ଫାଷ୍ଟ୍ ହେଉଥାଏ । ତା'ମନରେ କେତେ ଆଶା, ଉଦ୍ଦୀପନା ଉଙ୍କି ମାରୁଥାଏ । ସେ ଭାବୁଥାଏ ସେ ସବୁ ଖେଳରେ ଫାଷ୍ଟ ହେଲେ ଅନେକ ଟଙ୍କା ପାଇବ, ଆଉ ତା'ର ରୋଗିଣା ମା'ର ଅପରେସନ୍ ହୋଇଯିବ ।

ପ୍ରଥମଦିନ ଖେଳ ଶେଷ ହେଲା । ସବୁ ଖେଳରେ ପପୁ ପ୍ରଥମ ହେଲା । ପୁଣି ଦ୍ୱିତୀୟ ଦିନ ବି ସବୁ ଖେଳରେ ପପୁ ପ୍ରଥମ ହେଲା । ପପୁର ଖୁସି କହିଲେ ନ ସରେ । ଖୁସିରେ ସେ ନାଚି ଉଠୁଥିଲା, ହେଲେ ପପୁର ଖୁସି କିଛି ସମୟ ପରେ

ଦୁଃଖରେ ପରିଣତ ହୋଇଥିଲା । ସନ୍ଧ୍ୟା ୪ଟାରେ ପୁରସ୍କାର ବିତରଣ ଉତ୍ସବ ଆରମ୍ଭ ହେଲା । ପପୁର ନାମ ଦଶଥର ଡକାହେଲା, ହେଲେ ସେ ୧୦ଟି କପ୍ ଓ ଗୋଟିଏ ସିଲ୍ ପାଇଲା । ହେଲେ ପପୁ ଏସବୁ ଦେଖି ଖୁସି ହେବା ପରିବର୍ତ୍ତେ ଦୁଃଖରେ ଭାଙ୍ଗିପଡ଼ିଲା, କାରଣ ଗୋଟିଏ ଗରିବର ସନ୍ତସନ୍ତିଆ କୁଡ଼ିଆ ଘର ପାଇଁଏ କପ୍ ସିଲ୍‌ତ ଯେ ମୂଲ୍ୟହୀନ, ଏକଥା ପପୁ ଜାଣିସାରିଥିଲା, ପୁଣି ମା'ର ଅପରେସନ୍ ହୋଇପାରିବ ନାହିଁ । ମା'କୁ କି ଜବାବ୍ ଦେବ, ଏମିତି ଭାବି ଭାବି ରାତି ୮ଟାରେ ଗୁରୁଜୀ ପପୁକୁ ନେଇ ତା'ଘରେ ଛାଡ଼ିଆସିଲେ ।

ପପୁର ଶବ୍ଦ ଶୁଣି ମା ଖୁସିରେ ଡାକୁଥାନ୍ତି ପପୁ.... ଏ ପପୁ, ତୁ ଆସିଲୁଣିକିରେ । ପପୁ... ଆ କିଛି ଖାଇଦେ, ଆଉ ଶୋଇଯା । କେତେ ଖେଳିଛୁ ତୋ' ଗୋଡ଼ ବଥାଉଥିବ । କାଲି ଡାକ୍ତରଖାନ ଯିବା । ଦେଖିବୁ, ମୁଁ ଏବେ ନିଶ୍ଚୟ ଭଲ ହୋଇଯିବି । କେତେ ପଇସା ପାଇଲୁ କିରେ.... । ପପୁ ମା'ଙ୍କ କଥା ଶୁଣି ଭୋ ଭୋ ହୋଇ କାନ୍ଦି ଉଠିଲା । କହୁଥାଏ ମା' ଆମ ଆଶା ମାଟିରେ ମିଶିଗଲା । ମା' ମୋତେ ଟଙ୍କାଟିଏ ବି ମିଳିଲାନି । ମୁଁ କପ୍ ଆଉ ସିଲ୍ ଆଣିଛି ମା' । ପପୁ କଥା ଶୁଣି ମା' ଭୋ ଭୋ ହୋଇ କାନ୍ଦିଉଠିଲେ । କହୁଥାଏ, ଆରେ ଏ ଚା'ପିଆ କପ୍ ଓ ସିଲ୍ କ'ଣ ହେବ କିରେ... । ଆମ ଘରେ ତ ଚା' ପିଇବା ପାଇଁ କ୍ଷୀର ନାହିଁ କି ଚିନି ନାହିଁ, ପୁରି କେଉଁ ତରକାରି କରୁଛି ଯେ, ଏ ସିଲ୍‌ରେ ମସଲା ବାଟିବି । ମୁଁ ତ ଏବେ ଶଯ୍ୟାଶାୟୀ । ପପୁ କହିଲା, ମା'ଏ ସେହି ଚା' ପିଆ କପ୍ ଓ ମସଲା ବାଟିବା ସିଲ୍ ନୁହେଁ ମା' । ଏ କପ୍, ସିଲ୍‌ର ମୂଲ୍ୟ ଟଙ୍କାଠାରୁ ବି ବହୁତ ମୂଲ୍ୟବାନ୍ ମା', ଏକଥା ଗୁରୁଜୀ କହୁଥିଲେ । ହେଲେ ଆମ ପାଇଁ ଏହାର ମୂଲ୍ୟ କିଛି ନୁହେଁ, ପପୁରେ, କିଛି ନୁହେଁ .... ମା' ତାଙ୍କର ଭୋ ଭୋ ହୋଇ କାନ୍ଦିଉଠିଲେ....।


ବିଭୁପ୍ରସାଦ ନାୟକ
ମୋବାଇଲ୍ : 8908554956
ଇ-ମେଲ୍ : bibhunayak99@gmail.com
ସାଇ ଗ୍ରାଫିକ୍ସ
ଗ୍ରାଫିକ୍ସ ଡିଜାଇନିଂ, ଡିଜିଟାଲ୍ କଲର୍ ଓ କଳାଧଳା ଜେରକ୍ସ, ଆଇଡେଣ୍ଟିଟି କାର୍ଡ଼,
ଫ୍ଲେକ୍ସ ଏବଂ ଭିନାଇଲ୍ ପ୍ରିଣ୍ଟିଂ, ଭିଜିଟିଙ୍ଗ୍ କାର୍ଡ଼, ବାର୍ଥଡେ କାର୍ଡ଼, ଷ୍ଟିକରିଂ,
ଡିଟିପି, ସ୍କାନିଂ, ଲେଆଉଟ୍, ଅଫସେଟ୍ ଓ ସ୍କ୍ରିନ୍ ପ୍ରିଣ୍ଟିଂ
ତେଲେଙ୍ଗା ବଜାର, ରଘୁନାଥଜୀଉ ମନ୍ଦିର ନିକଟ, କଟକ - ୯

# ଅବାସ୍ତବ ଆଧୁନିକତା

ପ୍ରଜ୍ଞା ପରିମିତା

**ସ**ମୟ ବଦଳୁଛି, ମଣିଷ ବଦଳୁଛି, ଦୁନିଆ ବଦଳୁଛି, ଆଉ ବାକି ରହିଲା ମୁଁ ! କେତେ ଥର ଭାବିଛି, ମୋ ଭିତରେ ପରିବ□ନ ଆଣିବା ପାଇଁ । ଏଇ ପୁରୁଣାକାଳିଆ ରୀତିନୀତି ଧରି କେତେ ଦିନ ବସିଥିବି । ଭାବିଥିଲି ଏ ଧୋତି, ପଞ୍ଜାବିକୁ ଛାଡ଼ି, ଆଧୁନିକ ପ୍ୟା□, ସାର୍ଟ ପିନ୍ଧିବି ଏବଂ ଏ ସାଇକେଲ ଛାଡ଼ି ଗୋଟିଏ ମଟର ସାଇକେଲ କିଣିବି । ଯେତିକି ବି ରୋଜଗାର, ଅଛି ସେଥିରେ ଏ ସମସ୍ତ ଜିନିଷ ହୋଇ ପାରିବ, କିନ୍ତୁ ମୋ ମନ ବଦଳୁନି । ରାତିରେ ବସି କେତେ ଭାବେ, ମୋ ସ୍ତ୍ରୀ ଏ ବିଷୟରେ କେତେ ଯେ ଉଦାହରଣ ଦିଏ, ସେ ଦାସବାବୁ ଦେଖ କେତେ ସୁନ୍ଦର ଦେଖାଯାଉଛନ୍ତି ଆଉ ଅନେକ ଲୋକଙ୍କ ଉଦାହରଣ ଦିଏ । ମତେଲାଗେ ଯେମିତି ସମସ୍ତେ ମୋର ଶତ୍ରୁ । କାରଣ ମୋର ଏଇ ପୁରୁଣାକାଳିଆ ଅଭ୍ୟାସ ନେଇ ମତେ କେତେଥର ମୋ ସ୍ତ୍ରୀ ପାଖରେ ଛୋଟ ହେବାକୁ ପଡିଥାଏ । ଆଜି କିନ୍ତୁ ଆଉ ହେବ ନାହିଁ, ଯାହା ହେଲେ ବି ମୁଁ ମୋର ଏ ପ୍ରକୃତି ଛାଡ଼ିଦେବି, ଆଉ ସବୁକଥା ଯାଇ ମୋ ସ୍ତ୍ରୀକୁ କହିଦେବି । ସମସ୍ତ ଶକ୍ତି ସ□ାର କରି ମିନତୀ ପାଖରେ ବସିଲି, ତାକୁ ଗୋଟି ଗୋଟି କରି ସବୁ କହିଦେଲି । ଭାବିଲି ସେ ବହୁତ ଖୁସି ହେଇଯିବ । କିନ୍ତୁ ତା ମୁଖରେ କୌଣସି ଉତ୍ସୁକତା ନଥିଲା । ସେ କହିଲା ତମେ ଯେମିତି ଅଛ ପୁରାଠିକ୍ । ମୁଁ ଆଗରୁ ଭୁଲଥିଲି । ଆଜି କାଲିର ଆଧୁନିକ ଜୀବନରେ ମଣିଷର ମନୁଷ୍ୟତା ନାହିଁ । ମଣିଷର ଚାଲି ଚଳଣି, ରହିବା ଖାଇବାର ପରିବ□ନରେ ତାକୁ ରୋଗ ଗ୍ରାସ କରୁଛି ।



ଏଇ ଦେଖ ମୁଁ ସେ ଦାସ ବାବୁଙ୍କ ଉଦାହରଣ ତମକୁ ସବୁବେଳେ ତମକୁ ଦେଉଥିଲି । କିନ୍ତୁ ଜାଣିଛ, ତାଙ୍କ ଛୋଟ ସଂସାର ଭିତରେ ଅଧିକ ଖର୍ଚ୍ଚ ଯୋଗୁଁ ଦାସ ବାବୁ ବିଭିନ୍ନ ଉପାୟରେ ଟଙ୍କା ରୋଜଗାର କରୁଥିଲେ । କାଲି ତାଙ୍କର ଅନେକ ଅର୍ଥ ବୁଡ଼ିଯିବାର ଶୁଣି ତାଙ୍କର ହାର୍ଟଷ୍ଟ୍ରୋକ୍ ହୋଇଛି । ଆଉ ସେ ଆଧୁନିକତା ନାହିଁ । ବାବୁ ଏବେ ଘରେ ବସିଛନ୍ତି ଏବଂ କଥା କହିପାରୁନାହାଁନ୍ତି । ବୁଝିଲ ଶ୍ରୀମତୀ ଆଜିଯାଏ ତମେ ବୋକାଥିଲ, କିନ୍ତୁ ଆଜି ପୁରା ଚାଲାଖ୍ । ଗୋଟିଏ କଥା ମନେରଖ, ଆମର ପା□ ପଇସାର ମୁଣ୍ଡ ଆମେ ପା□ ପଇସାରେ ଚଳିବା, ଯଦି ଅଧିକ ଲୋଭ କରିବା ଏହି ଅସୁବିଧା ହେବ । ଆଉ ଗୋଟିଏ କଥା, ଆମେ ମଣିଷ ପ୍ରକୃତିର ସନ୍ତାନ, ପ୍ରକୃତି ଆମକୁ ଲାଳନ, ପାଳନ କରୁଛି । ଆମେ ତା'ଠାରୁ ଦୂରେଇ ଗଲେ କି ଲାଭ ପାଇବା ? ଆଜି ଆମ ଦେଶକୁ ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି । ତା'ର ମୁଖ୍ୟ କାରଣ ଆମ ମଣିଷ, ଆମ ସଂସ୍କୃତିକୁ ଛାଡ଼ି ପାଶ୍ଚାତ୍ୟ ସଂସ୍କୃତିକୁ ଆପଣେଇଛନ୍ତି । ଆଧୁନିକତା ନାଁରେ ଏ ମଣିଷଗୁଡ଼ିକ ନିଜର ତଥା, ସମାଜର ଅନେକ କ୍ଷତି କରୁଛନ୍ତି । ଆଜି ସମୟ ଆସିଛି ପରିବ□ନର । ଏହି ପରିବ□ନ ମଣିଷଭିତରେ ସଚେତନତା ଆଣିଦେବ । ଆମେ ପାଶ୍ଚାତ୍ୟ ସଂସ୍କୃତି ଓ ସଂସ୍କାରକୁ ଛାଡ଼ି ଆମ ସଂସ୍କୃତିର ସବୁ ଭଲ ଆଦର୍ଶକୁ ଆପଣେଇବା ସୁସ୍ଥ ଏବଂ ନିରାମୟ ସମାଜ ଗଢ଼ିବା । ତମେ ଯାହା କୁହପଛେ ତମ ବୁଦ୍ଧି ସମସ୍ତଙ୍କ ଠାରୁ ଅଧିକ, ଆଜି ମୁଁ ମାନିଲି । ଯାହାହେଉ ଦୀର୍ଘ କୋଡିଏ ବର୍ଷ ବୈବାହିକ ଜୀବନ ପରେ ଆଜି ମତେ ତମେ ନିଜର କରିପାରିଲ । ହଉ ହେଲା ଆସ ଖାଇବ, ଚାଲ.... କଥା ସେତିକି ଥାଉ. .... ।

ତାରିଣୀ ଗଡ଼ା, ପାରାଦ୍ୱୀପ

# ଗଛଟିଏ ମୋର ନାମ

ବିଭୂପ୍ରସାଦ ନାୟକ

ମୁଁ ଗଛ, ସୃଷ୍ଟି ଆରମ୍ଭରୁ ମୋର ଜନ୍ମ, ଅଗ୍ନି ମୋ ଠାରୁ ଜନ୍ମ, ମୋର ରୂପ ଅନେକ, ନାମ ଅନେକ, ଗୁଣ ମଧ୍ୟ ଅନେକ। ମୋ ଦେହରେ ମଧୁର, ତିକ୍ତ, କଷା ରସ ପ୍ରବାହିତ। ମୋର ସମସ୍ତ ଅଙ୍ଗ, ପ୍ରତ୍ୟେଙ୍ଗ ଦରକାରୀ। ମୁଁ କେବଳ ଜଗତର ଉପକାର କରେ। ମୋର ଶୁଖିଲା ଅଂଶ ଇନ୍ଧନ କାମରେ ଲାଗେ, ଦେବତା ପୂଜା, ହୋମ ଆଦି କାର୍ଯ୍ୟରେ ମୋର କାଠ ନିହାତି ଦରକାର। ମାନବ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମୁଁ ତା ସାଥୀରେ ଥିଲି, ଅଛି ଆଉ ରହିବି। ତଥାପି ମାନବ ମୋତେ କାହିଁକି ବୁଝି ପାରୁନି ? ମୁଁ ... ତ, କେବେ ଉପକାର ବ୍ୟତୀତ ଅପକାର କରିନି .... । ମୋର ଆତ୍ମଜମାନେ ସୃଷ୍ଟିକଲେ ଘନ ଜଙ୍ଗଲ। ଯେଉଁ ଠାରେ ପଶୁ, ପକ୍ଷୀ ନିର୍ଭୟରେ ବାସ କରନ୍ତି। ମୋର ବହୁଳ ସମାବେଶ ରକ୍ଷା କରୁଥିଲା ବାତ୍ୟା, ଭୂମିକମ୍ପ ପରି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରୁ ଓ ସାମୁଦ୍ରିକ ଝଡ଼ରୁ। ମୁଁ ବିଷ ପାନ କରି ଅମୃତ ଦିଏ। ଅଙ୍ଗାର କାମ୍ଳ ନେଇ ଅମ୍ଳଜାନ ଦିଏ। ମୋର ପ୍ରତ୍ୟେକ ଅଙ୍ଗ ପତ୍ର ଠାରୁ ଛେଲି, ଚେର ଠାରୁ ଡାଳ ପର୍ଯ୍ୟନ୍ତ ଔଷଧୀୟ କାମରେ ଲାଗି ବିଶ୍ୱର ପ୍ରତ୍ୟେକ ଜୀବ ଜଗତର କଲ୍ୟାଣ କରେ। ମୁଁ.... ଦୂବ..... ମୁଁ ପୁଣି ଦାରୁ, ମୋ ଶରୀରରେ ଦେବତା ପ୍ରବେଶ କରି ମନ୍ଦିରରେ ପୂଜିତ ହୁଅନ୍ତି। ମୋ ଦେହରେ ଗଢ଼ାହୁଏ ପ୍ରଭୁଙ୍କର ରଥ, ଭକ୍ତଙ୍କୁ ଦର୍ଶନ ଦେବାକୁ ବିଜେ ହୁଅନ୍ତି ପ୍ରଭୁ ଜଗନ୍ନାଥ। ମଣିଷର ପ୍ରତ୍ୟେକ ଜୀବନ ଚର୍ଯ୍ୟାରେ ମୋର ଭୂମିକା ସର୍ବତ୍ର। ତେବେ.... କୁହ ହେ ମାନବବନ୍ଧୁ ମୋର କାହିଁକି ମୋ ପ୍ରତି ଏତେ ଅବିଚାର ? କାହିଁକି ମୋର ପାଇଁ ଏତେ ନିଷ୍ଠୁର ? ମୋ ପାଇଁ ତ ତୁମ ଭଣ୍ଡାରରୁ କିଛି ସରେନି, ମୁଁ ଫଳବତୀ ହୋଇ ତୁମକୁ ଫଳଦାନ କରେ । ଖାଏ ଟେକାମାଡ଼, ଶସ୍ତ୍ରରେ ଆଘାତ, ମୁଁ କିଛି କହେନି, ମୋତେ ହାଣି କରି ଦୁଇଖଣ୍ଡ କର କିମ୍ବା ଗଡ଼ ଗଡ଼ କରିଦିଅ, କିନ୍ତୁ ମୁଁ ପୁଣି କଅଁଳି ତୁମକୁ ହସି ହସି ସ୍ୱାଗତ କରେ।

ଥରେ ଭାବିଲ.... ମୋ ମୂଳରେ ବସି ସାଧୁ ସାଧନ୍ତି ସିଦ୍ଧି, ମୋ ମୂଳରେ ବସି ସାଧୁ ଦିଅନ୍ତି ପ୍ରବଚନ। କେତେ ରଙ୍ଗ ଦୋଳି ମୋ ଦେହରେ ଝୁଲେ। କୁମାରୀ ଠାରୁ ବୟସ୍କା ପର୍ଯ୍ୟନ୍ତ ଦୋଳି ଖେଳି ଆନନ୍ଦିତ ହୁଅନ୍ତି। ମୋର ଡାଳରେ ପକ୍ଷୀ, ନୀଡ଼ ରଚନା କରେ, ତାଙ୍କର ଦାମ୍ପତ୍ୟ ଜୀବନକୁ ଚରିତାର୍ଥ କରି ଶାବକ ସୃଷ୍ଟି କରନ୍ତି। ପୁଣି ଡାଳ ଦୋହଲାଇ ଉଡ଼ି ଯାଆନ୍ତି। ବହୁତ ଶାନ୍ତ ଲାଗେ ଯେତେବେଳେ କ୍ଳାନ୍ତ ପଥଚାରୀ ଆସି ବିଶ୍ରାମ ନିଅନ୍ତି, କ୍ଳାନ୍ତି ମେ□ାନ୍ତି। ମୁଁ ତୁରମ ଜନ୍ମ ଜନ୍ମାନ୍ତର ଉପକାରୀ ବନ୍ଧୁ। ମୋତେ କାହିଁକି ଧରା ପୃଷ୍ଠରୁ ସମାପ୍ତ କରିବାକୁ ଚାହୁଁଛ ? ମୋର ଅସ୍ତିତ୍ୱ ତୁମକୁ କାହିଁକି ଦୁର୍ବିସହ ହେଉଛି ? ଦୟାକର ମୋତେ, ଆଉ ପଙ୍ଗୁ କରନି । ମୁଁ ଥକି ପଡିଲିଣି ମୋତେ ଟିକେ ମୁଣ୍ଡ ଟେକିବାକୁ ଅନୁଗ୍ରହ କର। ମୋର ଝଙ୍କାଳିଆ ପତ୍ର ଗହଳି କ'ଣ ତୁମକୁ ସୁନ୍ଦର ଦିଶୁନି ? ମୁଁ ଇନ୍ଦିରା ଆବାସ ନୁହେଁ କିନ୍ତୁ ଖୋଲା ମ□ର ଆଶ୍ରୟ ସ୍ଥଳ। ମୋ ପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼େନି, ଖାଲି ଟିକେ ସ୍ନେହ, ପ୍ରେମ ଦୟା ଦରକାର। ଆଉ ଥରେ ଭାବ ମୋର ଦିବ୍ୟଜ୍ଞାନୀମାନବ ବନ୍ଧୁ ମୁଁ ତୁମ ପାଦତଳେ କରୁଛି ଅଳି, ମୋ କଥା ଯଦି ତୁମକୁ କ□କିତ କରେ, ତେବେ ନିଆ ମୋର ମୁଣ୍ଡବଳି .... ନିଅ ମୋର ମୁଣ୍ଡବଳି ।

ତେଲେଙ୍ଗା ବଜାର, କଟକ




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ